ବର୍ଷ-୨୫, ସଂଖ୍ୟା-୦୪
ଭୁବନେଶ୍ୱର
୦୪, ଜାନୁଆରୀ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 04
Bhubaneswar
04, January, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ମଙ୍ଗଳସୂତ୍ରର ରାଜ୍ ଖୋଲିଲେ କିର୍ତ୍ତି ସୁରେଶ

## ଜାତୀୟ ଖୋଖୋ ଦଳର ପ୍ରଯୋଜକ ହେବ ଓଡ଼ିଶା

ଭୁବନେଶ୍ୱର,୩।୧(ମହାଭାରତ): ଦେଶର ଖୋ ଖୋ ଖେଳ ପାଇଁ ଆସିଛି ଏକ ସୁବର୍ଣ୍ଣ ସମୟ । ଓଡିଶା ସରକାର ଏହି ଖେଳକୁ ଯୋଗାଇ ଦେବେ ପ୍ରୋତ୍ସାହନ। ପୂର୍ବରୁ ଜାତୀୟ ହକି ଖେଳକୁ ଓଡିଶା ସ୍ପନସର୍ କରିଥିବା ବେଳେ, ଏବେ ଖୋ ଖୋ ଖେଳକୁ ପ୍ରୋତ୍ସାହନ ଦେବାକୁ ଆଗେଇ ଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଖୋ ଖୋ ଖେଳର ଜାତୀୟ ଟିମକୁ ଆଗାମୀ ୩ ବର୍ଷ ପାଇଁ ସ୍ପନସର କରିବେ। ଏହି ସ୍ପନସରସିପ ର ଅବଧି ୨୦୨୫ ଜାନୁଆରୀରୁ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ରହିବ ଏଥିପାଇଁ ବର୍ଷକୁ ୫ କୋଟି ଟଙ୍କା ଲେଖାଏଁ ସମୁଦାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡିଶା ଖଣି ନିଗମ ପକ୍ଷରୁ ଏହି ଅର୍ଥ ପ୍ରଦାନ କରାଯିବ। ଏହାଦ୍ୱାରା ଭାରତୀୟ ଖୋ ଖୋ ଖେଳାଳୀ ପ୍ରୋତ୍ସାହନ ପାଇବା ସହିତ ଓଡିଶା ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ବ୍ରାଣ୍ଡିଂ ଜରିଆରେ ବିଶ୍ୱସ୍ତରରେ ରାଜ୍ୟର ଛବିକୁ ଉଜ୍ଜଳ କରିପାରିବ।

## ମାଡ଼ମାରି ୩୦ କିଲୋ ସୁନା ଲୁଟ୍

**ସମ୍ବଲପୁର,୩।୧(ମହାଭାରତ):** ସମ୍ବଲପୁରରେ ବଡ଼ ଧରଣର ସଶସ୍ତ୍ର ଡକାୟତି ଘଟିଛି। ସମ୍ବଲପୁରର ଅଇଁଠାପାଲିଠାରେ ଥିବା ମଣପୁରମ ଗୋଲଡ୍ ଲୋନ୍ ଶାଖା କାର୍ଯ୍ୟାଳୟରେ ୧୦ ଜଣ ଦୁର୍ବୃତ୍ତ ହାତରେ ବନ୍ଧୁକ ଓ ମାରଣାସ୍ତ୍ର ଧରି ଲୁଟ୍ କରିଛନ୍ତି। ଆଜି ସକାଳେ କାର୍ଯ୍ୟାଳୟ ଖୋଲିବା ସମୟରେ ୧୦ ଜଣ ଲୁଟେରା ପଶି କର୍ମଚାରୀଙ୍କୁ ବାନ୍ଧି ନିସ୍ଥୁକ ମାଡ଼ ମାରିବା ସହ ପାଖାପାଖି ୩୦ କେଜି ସୁନା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଆଜି ସକାଳେ କାର୍ଯ୍ୟାଳୟ ଖୋଲିବା ସମୟରେ ୧୦ ଜଣ ଲୁଟେରା ପଶି କର୍ମଚାରୀଙ୍କୁ ବାନ୍ଧି ନିସ୍ଥୁକ ମାଡ଼ ମାରିବା ସହ ପାଖାପାଖି ୩୦ କେଜି ସୁନା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୁନା ଲୁଟ୍ କରି ଲୁଟେରା ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସହରର ବିଭିନ୍ନ ସ୍ଥାନରେ ନକାବନ୍ଦି କରି ପୁଲିସ ଛାନଭିନ ଚଳାଇଛି। ସୁନା ଲୁଟ୍ କରି ଲୁଟେରା ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସହରର ବିଭିନ୍ନ ସ୍ଥାନରେ ନକାବନ୍ଦି କରି ପୁଲିସ ଛାନଭିନ ଚଳାଇଛି।

## ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ

ବରଗଡ଼,୩।୧(ମହାଭାରତ): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଆଜିଠାରୁ ଆରମ୍ଭ ହୋଇଯାଇଛି। ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ହାଟପଦାସ୍ଥିତ ରାଜଦରବାରରେ ଉଦ୍‌ଘାଟନ ହୋଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ୧୧ ଦିନ ଚାଲିବାକୁ ଥିବା ଧନୁଯାତ୍ରାରେ ମହାରାଜ କଂସଙ୍କ ରାଜୁତି ଆରମ୍ଭ ହୋଇଯାଇଛି।

ଦ୍ୱାପରଯୁଗରେ ଭଗବାନ କୃଷ୍ଣ କରିଥିବା ଲୀଳାଖେଳାକୁ ଆଧାର କରି ପୌରାଣିକ କଥାବସ୍ତୁ ଉପରେ ବରଗଡ଼କୁ ମଥୁରାନଗରୀ ଭାବେ ଉପସ୍ଥାପନା କରାଯାଇଛି। ସେହିପରି ଅମ୍ବାପାଲି ଗୋପପୁରରେ ପରିଣତ ହୋଇଛି ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କଂସଙ୍କ ଅଟ୍ଟହାସ୍ୟ ଓ ଆଦେଶରେ ଥରହର ମଥୁରାନଗରୀ ହେବ ଧନୁଯାତ୍ରା ପାଇଁ ଲୋକଙ୍କ ମନରେ ଉତ୍ସାହ ଦେଖାଯାଇଛି। ପ୍ରଥମ ଦିନରେ ରାମଜୀମନ୍ଦିରରେ ଦେବକୀ ଓ ବସୁଦେବଙ୍କ ବିବାହ, ଦୈବବାଣୀ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ମହାରାଜ କଂସଙ୍କ ସିଂହାସନ ଆରୋହଣ କରିଛନ୍ତି।

# ମାର୍ଚ୍ଚ ୩୧ ସୁଦ୍ଧା 'ସୁଭଦ୍ରା'ଆବେଦନ କଲେ ମିଳିବ ୧୦ ହଜାର

- ୯ ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର
- ୮୦ ବର୍ଷ କିମ୍ବା ତା'ଠୁ ଅଧିକ ବୟସ୍କ ବୃଦ୍ଧ ଓ ବୃଦ୍ଧା ଏବଂ ୮୦%ରୁ ଅଧିକ ଦିବ୍ୟାଙ୍ଗଙ୍କୁ ମାସିକ ୩୫୦୦ ଭତ୍ତା
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ସବ୍‌ସିଡି
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୮୭୪.୧୪ କୋଟି



**ଭୁବନେଶ୍ୱର,୩।୧(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ରାଜ୍ୟ କ୍ୟାବିନେଟରେ ସୁଭଦ୍ରା ଯୋଜନା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମଙ୍କ ପାଇଁ ଭତ୍ତା, ସୋଲାର ସବସିଡି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପାଇଁ ବଡ ଘୋଷଣା କରାଯାଇଛି। ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟ ସରକାର ପୁଣି ଏକ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାକୁ ଯାଉଛନ୍ତି। ରାଜ୍ୟର ୮୦ ବର୍ଷ କିମ୍ବା ତାଠାରୁ ଅଧିକ ବୟସ୍କ ବୃଦ୍ଧ ଓ ବୃଦ୍ଧାଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ଦେବେ। ଏଥି ସହିତ ୮୦ ପ୍ରତିଶତ ଅଥବା ଏଥିରୁ ଅଧିକ ପ୍ରତିଶତ ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ସରକାର ମାସିକ ଭତ୍ତା ୩୫୦୦ ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବର୍ଦ୍ଧିତ ଭତ୍ତା ଚଳିତ ମାସ ଠାରୁ ଲାଗୁ ହେବ। ବର୍ତ୍ତମାନ ରାଜ୍ୟ ସରକାର ୮୦ ବର୍ଷ କିମ୍ବା ତାଠାରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ମାସିକ ଭତ୍ତା ୧୨୦୦ ଟଙ୍କା ଦେଉଛନ୍ତି।

ମୁଖ୍ୟ ଶାସନ ସଚିବଙ୍କ ସୂଚନା ଅନୁଯାୟୀ, କ୍ୟାବିନେଟରେ ସୁଭଦ୍ରା ଯୋଜନାକୁ ନେଇ ବଡ଼ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ସୁଭଦ୍ରା ଆବେଦନ କଲେ ୨ଟି କିସ୍ତିର ଟଙ୍କା ମିଳିବ। ଅର୍ଥାତ ମାର୍ଚ୍ଚ ସୁଦ୍ଧା ଆବେଦନ କରିଥିଲେ ଏକକାଳୀନ ୨ଟି କିସ୍ତି ପାଇବେ। ବର୍ତ୍ତାନ ସୁଦ୍ଧା ସୁଭଦ୍ରାରେ ୧ କୋଟି ୬ ଲକ୍ଷରୁ ଅଧିକ ଆବେଦନ ପଞ୍ଜୀକୃତ ହୋଇଛି। ଏଡିଗୁଡିକୁ ୨ଟି ବ୍ୟାପକ ବଗରେ ଅନ୍ତର୍ଭୁକ୍ତ ଏନଏଫ୍‌ଏସ୍‌ଏମ/ ଏସ୍‌ଏଫଏସ୍‌ଏସଇ ଡାଟାବେସ୍‌ରେ ଉଇପସ୍ଥିତ ଆବେଦନକାରୀ ଏବଂ ସମସ୍ତ ପଞ୍ଜୀକୃତ ଆବେଦନକାରୀଙ୍କ ମଧ୍ୟରେ ୮୦,୨୯,୭୪୧ ଜଣ ଆବେଦନକାରୀଙ୍କୁ ମଞ୍ଜୁର କରାଯାଇ ପ୍ରଥମ କିସ୍ତିର ୫ ହଜାର ଟଙ୍କା ବିତରଣ କରାଯାଇଛି। ନନ୍‌ନଏଫ୍‌ଏସ୍‌ଏମ/ ଏସ୍‌ଏଫଏସ୍‌ଏସଇ ଅଧିନରେ ଅବଶିଷ୍ଟ ଆବେଦନଗୁଡିକ ବିଚାରାଧୀନ ରହିଛି ଏବଂ ସହାୟତା ବିତରଣ ନିମିତ, କ୍ଷେତ୍ରୀୟସ୍ତରରେ କ୍ଷେତ୍ର ଅନୁସନ୍ଧାନ ଦଳ ଦ୍ୱାରା ଗାଇଡଲାଇନ୍ ଅନୁଯାୟୀ ସେମାନଙ୍କର ଯୋଗ୍ୟତା ନିର୍ଦ୍ଧାରଣ କରିବା ପାଇଁ ଯାଞ୍ଚ କରାଯାଉଛି।

ଛାତ ଉପର ସୌର ପ୍ରକଳ୍ପ କ୍ଷମତାକୁ ବୃଦ୍ଧି କରିବା, ଆବାସିକ ଘର ଗୁଡିକୁ ନିଜସ୍ୱ ବିଦ୍ୟୁତ ଉତ୍ପାଦନ କରିବାକୁ ସକ୍ଷମ କରିବା ଏବଂ ଅଙ୍ଗାରକାମ୍ଳ ନିରପେକ୍ଷତାରେ ଅବଦାନ ଦେବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଦ୍ୱାରା 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର: ମୁଫ୍ତ ବିଜୁଳି ଯୋଜନା ପ୍ରଣୟନ କରାଯାଇଛି । ରୁଫ-ଟପ ସୌର ପ୍ରକଳ୍ପ ସ୍ଥାପନ କରିବା ପାଇଁ କିଲୋୱାଟ୍ ପିଛା ୧୮୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନକୁ କ୍ୟାବିନେଟର ମଂଜୁରୀ ଦେଇଛି ।ଏହି ଯୋଜନାକୁ ସମଗ୍ର ରାଜ୍ୟରେ ଲୋକପ୍ରିୟ କରାଇବା ତଥା ଗ୍ରାହକଙ୍କ ଆର୍ଥିକ ଅଂଶଦାନକୁ କମାଇବା ଉଦ୍ଦେଶ୍ୟରେ ଓଡିଶା ସରକାର ଘର ପିଛା ସର୍ବାଧିକ ୩ କିଲୋୱାଟ୍ କ୍ଷମତା ସମ୍ପନ୍ନ ରୁଫ-ଟପ ସୌର ପ୍ରକଳ୍ପ ସ୍ଥାପନ କରିବା ପାଇଁ କିଲୋୱାଟ୍ ପିଛା ୨୫୦୦୦ ଟଙ୍କା ହିସାବରେ ଦୁଇ କିଲୋୱାଟ୍ ପର୍ଯ୍ୟନ୍ତ ଏବଂ ତୃତୀୟ କିଲୋୱାଟ୍ ପାଇଁ ଆଉ ୧୦୦୦୦ ଟଙ୍କାର ଅତିରିକ୍ତ ସବସିଡି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗ୍ରୁପ ହାଉସିଂ ସୋସାଇଟି ଏବଂ ରେସିଡେନ୍ସିଆଲ ୱେଲଫେର ଏସୋସିଏସନ୍ ମାନଙ୍କରେ ଇଭି ଚାର୍ଜିଂ ତଥା ବିଦ୍ୟୁତର ସର୍ବ-ସାଧାରଣ ବ୍ୟବହାର ପାଇଁ ସର୍ବାଧିକ ୫୦୦ କିଲୋୱାଟ୍ ପର୍ଯ୍ୟନ୍ତ (ପ୍ରତି ଘରକୁ ୩ କିଲୋୱାଟ୍ ଅନୁସାରେ) ରୁଫ-ଟପ ସୌର ପ୍ରକଳ୍ପ ସ୍ଥାପନ କରିବା ପାଇଁ କିଲୋୱାଟ୍ ପିଛା ୧୮୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ।

ଉକ୍ତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଆଜି ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ଯୋଜନାକୁ ଫଳପ୍ରଦ କରାଇବା ପାଇଁ ରାଜ୍ୟ ବଜେଟରୁ ଆର୍ଥିକ ବର୍ଷ ୨୦୨୪ -୨୫ ରୁ ୨୦୨୬-୨୭ ଖର୍ଚ୍ଚ ହେବ ଏବଂ ରାଜ୍ୟର ପ୍ରାୟ ୩ ଲକ୍ଷ ଘରୋଇ ବିଜୁଳି ମଧ୍ୟରେ ୧୮୦୦ କୋଟି ଟଙ୍କା ଉପଭୋକ୍ତା ଲାଭାନ୍ୱିତ ହେବେ।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପାଇଁ ୮୭୪.୧୪ କୋଟି ଟଙ୍କା ପାଣ୍ଠି ବ୍ୟବସ୍ଥା କରାଯାଇଛି। ୫ ବର୍ଷରେ ଏହି ଟଙ୍କା ଖର୍ଚ୍ଚ କରାଯିବ। ଏହା ସହ ଏହି ରାଶି ଦ୍ୱାରା କୃଷି ଉଦ୍ୟୋଗୀଙ୍କୁ ମିଳିବ ସବସିଡି ସହାୟତା। କୃଷି ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ନିଯୁକ୍ତି ସୃଷ୍ଟି କରିବା ପାଇଁ ଜୁନ ୨୦୧୮ ରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପ୍ରଣୟନ କରିଯାଇଥିଲା, ଯାହାକି ଡ଼ିସେମ୍ବର ୨୦୨୦ ଓ ଜାନୁଆରୀ ୨୦୨୪ ରେ ପୁନଃ ସଂଶୋଧ ହୋଇଥିଲା । ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ (ପୃଷ୍ଠା-୭)

## ମୁଖ୍ୟମନ୍ତ୍ରୀଙ୍କୁ ୬ ପ୍ରସ୍ତାବ ଦେଲେ ଅପରାଜିତା

ଭୁବନେଶ୍ୱର,୩।୧(ମହାଭାରତ): ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ନବବର୍ଷ ଶୁଭେଚ୍ଛା ଜଣାଇବା ସହିତ ଭୁବନେଶ୍ୱର ର ଉନ୍ନତି କଳ୍ପେ ୬ଟି ପ୍ରସ୍ତାବ ପ୍ରଦାନ କରିଛନ୍ତି।



ଏହି ଅବସରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ । ଗତ ୧୪-୯-୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଂଚଳ ଲୋକଙ୍କ ପାଇଁ ସାଂସଦ ମହୋଦୟା, ୪ଟି ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଶୀଘ୍ର କାର୍ଯ୍ୟ ହାତକୁ ନେଇ ଆଗ୍ରହ ଦେଖାଇଥିଲେ। ଯାହାକୁ ନେଇ ୨୦୨୫ ବର୍ଷ ଆରମ୍ଭରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବରେ ଧନ୍ୟବାଦ ଜଣାଇଛନ୍ତି ଭୁବନେଶ୍ୱର ସାଂସଦ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶ ନେଇ ସଦା ଚେଷ୍ଟିତ ଥିବା ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜିର ସାକ୍ଷାତ ଅବସରରେ ଭୁବନେଶ୍ୱରବାସୀଙ୍କ ପାଇଁ ଆଉ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ୬ଟି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ, ବିଶେଷ ଭାବରେ ଭୁବନେଶ୍ୱର ବାସିନ୍ଦା ବେଶ୍ ଉପକୃତ ହେବେ ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି ।ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ର ୪ଟି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲି , କାମ ଆରମ୍ଭ ହେଇସାରିଛି। ଗୋଟେ ସାରିଯାଉଛି। (ପୃଷ୍ଠା-୭)

## ଲଦାଖରେ ବିଶୃଙ୍ଖଳା ସୃଷ୍ଟି କଲା ଚୀନ

**ନୂଆଦିଲ୍ଲୀ,୩।୧:** ଚୀନ ପକ୍ଷରୁ ଦୁଇଟି କାଉଣ୍ଟୀ ପ୍ରତିଷ୍ଠା କରାଯାଉଛି। ଏହାର କିଛି ଅଂଶ ଲଦାଖ ମଧ୍ୟରେ ଆସୁଛି। ଚୀନର ଏପରି ପଦକ୍ଷେପକୁ ଭାରତ ପକ୍ଷରୁ କଡ଼ା ବିରୋଧ କରାଯାଇଛି। ପୁଣିଥରେ ନୂଆ ଭେଳିକି ଦେଖାଇଛି ଚୀନ। ଭାରତର କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ନିଜର କହିଛି ବେଜିଂ। ଚୀନ ପକ୍ଷରୁ ଦୁଇଟି କାଉଣ୍ଟୀ ପ୍ରତିଷ୍ଠା କରାଯାଉଛି। ଏହାର କିଛି ଅଂଶ ଲଦାଖ ମଧ୍ୟରେ ଆସୁଛି। ଚୀନର ଏପରି ପଦକ୍ଷେପକୁ ଭାରତ ପକ୍ଷରୁ କଡ଼ା ବିରୋଧ କରାଯାଇଛି। ଭାରତ ସରକାର ଏନେଇ କୂଟନୀତିକ ସ୍ତରରେ ଚୀନ (ପୃଷ୍ଠା-୭)

## ଶପଥ ନେଲେ ରାଜ୍ୟପାଳ ହରିବାବୁ କମ୍ଭମପତି



ଭୁବନେଶ୍ୱର,୩।୧(ମହାଭାରତ): ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ଆଜି ଶପଥ ନେଇଛନ୍ତି ହରିବାବୁ କମ୍ଭମପତି। ଓଡ଼ିଶାର ୨୭ତମ ରାଜ୍ୟପାଳ ଭାବେ ସେ ଆଜି ଶପଥ ନେଇଛନ୍ତି। ଆଜି ପୂର୍ବାହ୍ନ ୧୦ଟା୧୦ ମିନିଟରେ ହରିବାବୁ କମ୍ଭମ୍ପତିଙ୍କୁ ଶପଥ ପାଠ କରାଇଛନ୍ତି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧର ଶରଣ ସିଂହ।

ରାଜଭବନରେ ଆୟୋଜିତ ଶପଥ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକବର୍ଦ୍ଧନ ସିଂ ଦେଓ,ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବାଚସ୍ପତି ସୁରମା ପାଢ଼ୀ, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗତ ଡିସେମ୍ବର ୨୪ରେ ଓଡ଼ିଶାର ରାଜ୍ୟପାଳ ଭାବରେ ହରିବାବୁ କମ୍ଭମ୍ପତିଙ୍କୁ ନିଯୁକ୍ତି ମିଳିଥିଲା। ଗତକାଲି ଭୁବନେଶ୍ୱରରେ ପହଞ୍ଚି ହରିବାବୁ ଓ ତାଙ୍କ ପରିବାର ପୁରୀ ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ।

## ଅଲ୍ଲୁ ଅର୍ଜୁନଙ୍କୁ ମିଳିଲା ନିୟମିତ ଜାମିନ

ହାଇଦ୍ରାବାଦ,୩।୧(ମହାଭାରତ): ହାଇଦ୍ରାବାଦ ସନ୍ଧ୍ୟା ଥିଏଟର ଦଳାଚକଟା ମାମଲାରେ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି। ଏହି ଘଟଣାରେ ଅଭିନେତାଙ୍କୁ ଶୁକ୍ରବାର ଦିନ ହାଇଦ୍ରାବାଦ ନାମପଲ୍ଲି କୋର୍ଟରୁ ନିୟମିତ ଜାମିନ ମିଳିଯାଇଛି। ଡିସେମ୍ବର ୪ରେ ଅଲ୍ଲୁ ଅର୍ଜୁନଙ୍କ ପୁଷ୍ପା-୨ ଫିଲ୍ମର ପ୍ରିମିୟର ଶୋ' ବେଳେ ଏହି ଅଘଟଣ ଘଟିଥିଲା। ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ନାବାଳକ ପୁଅ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଅଛି।

ଏହି କାର୍ଯ୍ୟକ୍ରମକୁ ଅଲ୍ଲୁ ଅର୍ଜୁନ ଆସିବେ ବୋଲି ଥିଏଟର ପକ୍ଷରୁ କିମ୍ବା ଅଭିନେତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନଥିବା ଅଭିଯୋଗ କରିଥିଲା ପୁଲିସ। ଏହି କ୍ରମରେ 'ପୁଷ୍ପାରାଜ'ଙ୍କ ନାଁରେ ମାମଲା ରୁଜୁ କରି ତାଙ୍କୁ ଡିସେମ୍ବର ୧୩ ତାରିଖ ଦିନ ଗିରଫ କରିଥିଲା ହାଇଦ୍ରାବାଦ ପୁଲିସ। ସେହିଦିନ ତାଙ୍କୁ ହାଇଦ୍ରାବାଦ ନାମପଲ୍ଲି କୋର୍ଟରେ ପୁଲିସ ହାଜର କରିଥିବାବେଳେ କୋର୍ଟ ଅଲ୍ଲୁଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ଏହାପରେ ସେହିଦିନ ହିଁ ତାଙ୍କୁ ତେଲେଙ୍ଗାନା ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିବା ସହ ନିୟମିତ ଜାମିନ ପାଇଁ ନିମ୍ନ ଅଦାଲତ ଯିବାକୁ ପରାମର୍ଶ ଦେଇଥିଲେ। (ପୃଷ୍ଠା-୭)

## ନୂଆପଡ଼ା ସୀମାନ୍ତରେ ୩ ନକ୍ସଲ ନିପାତ

**ନୂଆପଡ଼ା, ୩।୧ (ମହାଭାରତ) :** ସୁରକ୍ଷା ବାହିନୀର ଗୁଳିରେ ଆଜି ୩ ଜଣ ନକ୍ସଲ ନିପାତ ହୋଇଛନ୍ତି। ସିଆରପିଏଫ୍ ଯବାନଙ୍କ ସହିତ ଓଡ଼ିଶା ପୁଲିସ ଓ ଛତିଶଗଡ଼ ପୁଲିସର ମିଳିତ ଉଦ୍ୟମରେ ହୋଇଥିବା ଅପରେସନ୍ ବଳରେ ନକ୍ସଲମାନେ ନିହତ ହୋଇଥିବା ଜଣାପଡ଼ିଛି। ଓଡ଼ିଶାର ନୂଆପଡ଼ା ଓ ଛତିଶଗଡ଼ର ଗରିଆବନ୍ଧ ସୀମାନ୍ତ ଜଙ୍ଗଲରେ ସୁରକ୍ଷା ବାହିନୀକୁ ଏହି ବଡ଼ ସଫଳତା ମିଳିଛି।

ଗରିଆବନ୍ଧ ଓ ନୂଆପଡ଼ା ସୀମାନ୍ତ ଜଙ୍ଗଲରେ ନକ୍ସଲ ଗତିବିଧି ନେଇ ସୁରକ୍ଷା ବାହିନୀର ଯବାନମାନେ ଅପରେସନ୍ ଆରମ୍ଭ କରିଥିଲେ। ଏହି ଅପରେସନ୍ ପାଇଁ ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍)କୁ ଓଡ଼ିଶାର ସ୍ପେଶାଲ ଅପରେସନ୍ ଗ୍ରୁପ୍ (ଏସ୍‌ଓଜି) ଓ ଛତିଶଗଡ଼ ସ୍ପେଶାଲ ଫୋର୍ସ ସହଯୋଗ କରିଥିଲେ। ଏହି ଅପରେସନ୍ ଜାନୁଆରି ୨-୩ ତାରିଖ ମଧ୍ୟରାତ୍ରୀ ଠାରୁ ଆରମ୍ଭ ହୋଇଥିଲା। ଆଜି ପୂର୍ବାହ୍ଣ ପ୍ରାୟ ୧୧ଟାରେ ସୁରକ୍ଷାବାହିନୀର ଯବାନମାନେ ନକ୍ସଲଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ଗୁଳିବିନିମୟ ହୋଇଥିଲା। ରିପୋର୍ଟ ଲେଖାଯିବା ବେଳକୁ ୩ ଜଣ ନକ୍ସଲଙ୍କ ମୃତଦେହ ଠାବ ହୋଇଛି। ଏଥି ସହିତ ୫ଟି ମାରଣାସ୍ତ୍ର ଜବତ ହୋଇଛି ।ନକ୍ସଲଙ୍କ ବିରୋଧରେ ସୁରକ୍ଷା ବାହିନୀର ଏହା ଏକ ବଡ଼ ବିଜୟ ବୋଲି କୁହାଯାଉଛି। ଏହି ଅପରେସନ୍‌ରେ ମୋଟ୍ ୧୨ଟି ଟିମ୍ ନିୟୋଜିତ ଥିଲେ। ୫ଟି ଏସ୍‌ଓଜି, ଛତିଶଗଡ଼ ଇ-୩୦ର ୪ଟି ଟିମ୍ ଓ ସିଆରପିଏଫ୍ ବାଟାଲିଅନ୍-୬୫ର ୩ଟି ଟିମ୍ ସାମିଲ ଥିଲେ। (ପୃଷ୍ଠା-୭)

# ୬.୬୬ ଲକ୍ଷ ଚାଷୀଙ୍କୁ ମିଳିବ କ୍ଷତିପୂରଣ

**ଭୁବନେଶ୍ୱର,୩।୧(ମହାଭାରତ):** ଅଦିନିଆ ବର୍ଷାକୁ ରାଜ୍ୟ ସରକାର ଏକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଛନ୍ତି । ତେଣୁ, ରାଜ୍ୟର ଏସଡିଆରଏଫ ପାଣ୍ଠିରୁ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ସହାୟତା ପ୍ରଦାନ କରାଯିବ। ଯେଉଁଚାଷୀ ମାନଙ୍କର ୩୩ ପ୍ରତିଶତ ବା ଅଧିକ ଫସଲ କ୍ଷତି ହୋଇଥିବ, ସେହି ଚାଷୀ ମାନଙ୍କୁ ସହାୟତା ମିଳିବ। ଆଜି ସ୍ଥାନୀୟ ବରମୁଣ୍ଡା ପଡିଆରେ ତିନିଦିନିଆ କୃଷି ଓଡ଼ିଶା-୨୦୨୫ କାର୍ଯ୍ୟକ୍ରମକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି । ଏସଡିଆରଏଫ ପାଣ୍ଠିରୁ ୨୯୧ କୋଟି ୫୯ ଲକ୍ଷ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଦାନ କରାଯିବ । ଜିଲ୍ଲାପାଳ ମାନଙ୍କ ରିପୋର୍ଟ ଅନୁଯାୟୀ ୬ ଲକ୍ଷ ୬୬ ହଜାର ୭୨୦ ଜଣ ଚାଷୀଙ୍କର ୨ ଲକ୍ଷ ୨୬ ହଜାର ୭୯୧ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ ଫସଲ କ୍ଷତି ହୋଇଛି । ଏହି ଚାଷୀମାନଙ୍କୁ ସହାୟତା ମିଳିବ।

ଏହା ସହିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨ ଲକ୍ଷ ୬୧ ହଜାର ଚାଷୀଙ୍କ ଆବେଦନ ହସ୍ତଗତ ହୋଇଛି । ବୀମାଭୁକ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଆଜିଠାରୁ ଡିବିଟି ଜରିଆରେ କ୍ଷତିପୂରଣ ପ୍ରଦାନ କରାଯାଉଛି । କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ପରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିବା ଚାଷୀମାନଙ୍କ ଆବେଦନ ସମୟ ତିନି ଦିନ ବଢା ଯାଇଥିଲା । ଏଥିପାଇଁ ସବୁ ବୀମାଭୁକ୍ତ ଚାଷୀମାନେ ଆବେଦନ କରିବାର ସୁଯୋଗ ପାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଦିନିଆ ବର୍ଷା ଯୋଗୁ ଆପଣମାନେ ବ୍ୟାପକ କ୍ଷତି ସହିଛନ୍ତି । ଆପଣମାନେ ନିଶ୍ଚିତ ରୁହନ୍ତୁ, ସରକାର ସବୁ ସମୟରେ ଆପଣମାନଙ୍କ ସହିତ ଅଛନ୍ତି ଓ ରହିବେ। ସେ ଆହୁରି କହିଥିଲେ ଯେ, ଇନ୍‌ପୁଟ୍ ସବସିଡି ସହିତ, ଆଉ କେଉଁ ପ୍ରକାର ସାହାଯ୍ୟ ପ୍ରଦାନ କରାଯାଇପାରିବ, ସରକାର ସେ ଦିଗରେ ବିଚାର କରୁଛନ୍ତି। ଆମ ସରକାର ସର୍ବଦା ଚାଷୀଙ୍କ ସହିତ ଅଛନ୍ତି। କୃଷକଙ୍କ ମଙ୍ଗଳ ପାଇଁ ସବୁ ପ୍ରକାର ସାହାଯ୍ୟ କରିବାକୁ ଚେଷ୍ଟିତ ହେଉଛନ୍ତି । ମୁଁ ଆଶା କରୁଛି, ଆମର ଏହି ପଦକ୍ଷେପ ଆପଣମାନଙ୍କ କ୍ଷତି ଭରଣା କରିବା ସହିତ ଆଗାମୀ ଦିନରେ ଚାଷ ପାଇଁ ଆପଣମାନଙ୍କ ମନରେ ଭରସା ସୃଷ୍ଟି କରିବ । ଏଥି ସହିତ, ରବି ଫସଲ ପାଇଁ ଯାହା ବି ଆବଶ୍ୟକ, ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ, ଆପଣ ସେଥିପ୍ରତି ନିଶ୍ଚିନ୍ତ ରୁହନ୍ତୁ ବୋଲି ସେ କହିଥିଲେ।

ଆଜିର କାର୍ଯ୍ୟକ୍ରମଟି ଆମ ରାଜ୍ୟର ସମଗ୍ର କୃଷକ ଭାଇଭଉଣୀ, ଆମର ଅନ୍ନଦାତାମାନଙ୍କ ପାଇଁ ଉତ୍ସର୍ଗୀକୃତ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଆମ ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ କାମ କରି ଜୀବିକା ନିର୍ବାହ କରିଥାନ୍ତି । ତେଣୁ ଯେଉଁଠି ଏତେ ସଂଖ୍ୟକ ଲୋକେ ଗୋଟିଏ ବୃତ୍ତିରେ କାମ କରନ୍ତି, ସେମାନଙ୍କ ବିକାଶ କରିବା ସହ ସୁଖ ଦୁଃଖରେ ଠିଆ ହେବା ଯେ କୌଣସି ସରକାରଙ୍କ ନୈତିକ ଦାୟିତ୍ୱ । କୋଭିଡ ମହାମାରୀ ବେଳେ କେବଳ କୃଷକ ମାନେ ହିଁ (ପୃଷ୍ଠା-୭)

## ବାଣ ବିସ୍ଫୋରଣରେ ଭୁଶୁଡ଼ିଲା ଛାତ : ଜଣେ ମୃତ

**ଜଗତସିଂହପୁର, ୩।୧(ମହାଭାରତ) :** ବାଣ ଭିଡୁଥିବା ବେଳେ ଭୟଙ୍କର ବିସ୍ଫୋରଣରେ ଘରର ଛାତ ଉଡ଼ିଯାଇଛି। ଏଥିରେ ଗୋଟିଏ ପରିବାରର କିଛି ଲୋକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ଜଗତସିଂହପୁର ସଦର ଥାନା ଅଧୀନ ବଡ଼ବାଗ ଗାଁରେ ଆଜି ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ବଡ଼ବାଗ ଗାଁରେ ଏକ ପରିବାର ବାଣ ଭିଡୁଥିଲେ। ଏହି ସମୟରେ ବାଣ ବିସ୍ଫୋରର ହୋଇଥିଲା। ଏହା ଅତି ଭୟଙ୍କର ଥିଲା। ଫଳରେ ଘରର ଛାତ ଉଡ଼ି ଯାଇଥିଲା। ଘରର ଛାତ ଭାଙ୍ଗିବା କାରଣରୁ ସମସ୍ତେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏନେଇ ପୁଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଛି। ଭଗ୍ନାବଶେଷ ତଳେ ଚାପି ହୋଇଥିବା ଲୋକମାନଙ୍କୁ ଉଦ୍ଧାର ପାଇଁ ଟିମ୍ ନିୟୋଜିତ ଅଛନ୍ତି। କେତେ ଜଣ ବାଣ ଭିଡୁଥିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ।

## ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

### ଖବର

## ପୁଷ୍ପା-୨ କି ସ୍ତ୍ରୀ-୨ ନୁହେଁ ମ, ଏହି ସିନେମା ରୋଜଗାର କଲା ୪୫ ଗୁଣ ଅଧିକ ଟଙ୍କା



ସାଉଥ ସୁପରଷ୍ଟାର ଅଲୁ ଅର୍ଜୁନଙ୍କ 'ପୁଷ୍ପା ୨' କେବଳ ୨୦୨୪ ବର୍ଷ ନୁହେଁ ବରଂ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ଇତିହାସରେ ସର୍ବାଧିକ ଆୟ କରିଥିବା ଚଳଚ୍ଚିତ୍ର ଥିଲା। ଏହା ବ୍ୟତୀତ, 'ସ୍ତ୍ରୀ ୨' ଏବଂ 'କଳ୍କି ୨୮୯୮ଏଡି' ମଧ୍ୟ ରେକର୍ଡ ଭାଙ୍ଗି ରୋଜଗାର କରିଥିଲା କିନ୍ତୁ ଆପଣ ଜାଣନ୍ତି କି ୨୦୨୪ରେ କେଉଁ ଚଳଚ୍ଚିତ୍ର ସର୍ବାଧିକ ଲାଭ କରିଥିଲା? ଏହି ଚଳଚ୍ଚିତ୍ରଟି 'ପୁଷ୍ପା ୨', 'ସ୍ତ୍ରୀ ୨' କିମ୍ବା 'କଳ୍କି ୨୮୯୮ଏଡି' ନୁହେଁ ୨୦୨୪ ମସିହାରେ, ବକ୍ସ ଅଫିସରେ ସର୍ବାଧିକ ଲାଭ ପାଇଥିବା ଫିଲ୍ମରେ କୌଣସି ବଡ ତାରକା ନଥିଲେ ଏବଂ ଏହି ଚଳଚ୍ଚିତ୍ରର ବଜେଟ୍ ମାତ୍ର ୩ କୋଟି ଟଙ୍କା ଥିଲା ଏହା ହେଉଛି ଫେବୃଆରୀ ୨୦୨୪ରେ ମୁକ୍ତି ଲାଭ କରିଥିବା ମାଲାୟାଲମ୍ ଚଳଚ୍ଚିତ୍ର 'ପ୍ରେମଲୁ' ଗିରିଶ ଏଡିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ରୋମାଣ୍ଟିକ-ଡ୍ରାମା ବକ୍ସ ଅଫିସରେ ବଜେଟଠାରୁ ୪୫ ଗୁଣ ଅଧିକ ସଂଗ୍ରହ କରିଛି 'ପ୍ରେମଲୁ' ବକ୍ସ ଅଫିସରେ ଖୁବ୍ ମ୍ୟର ଓପନିଂ କରିଥିଲା କିନ୍ତୁ ଚଳଚ୍ଚିତ୍ରଟି ପରେ ଲାଭ ପାଇଲା ଯାହା ପରେ ଏହାର ରୋଜଗାର ବୃଦ୍ଧି ପାଇଲା ଏବଂ କଲେକ୍ସନ ୧୩୬ କୋଟି ଟଙ୍କା ହେଲା ଏହିପରି, ଏହା କେବଳ ସର୍ବାଧିକ ଆୟ କରିଥିବା ମାଲାୟାଲମ୍ ଚଳଚ୍ଚିତ୍ର ତାଲିକାରେ ଯୋଗ ଦେଇନଥିଲା, ବରଂ ୨୦୨୪ର ସର୍ବାଧିକ ଲାଭ କରିଥିବା ଚଳଚ୍ଚିତ୍ରରେ ପରିଣତ ହୋଇଥିଲା 'ପ୍ରେମଲୁ'ର ଷ୍ଟାର କାଷ୍ଟ ବିଷୟରେ କହିବାକୁ ଗଲେ ଏହି ଚଳଚ୍ଚିତ୍ରରେ ସଂଗୀତ ପ୍ରତାପ, ଅଖିଲା ଭରଗୱାନ୍, ଶ୍ୟାମ ମୋହନ, ମୀନାକ୍ଷୀ ରବିନ୍ଦ୍ରନ୍, ମାଥ୍ୟୁ ଥୋମାସ୍ ଏବଂ ଆଲଥାଫ୍ ସଲିମଙ୍କ ସହ ନବାଗତ ନାସଲେନ୍ କେ ଗାଫୋର ଏବଂ ମମିଥା ବାଇଜୁଙ୍କୁ ଦେଖିବାକୁ ମିଳିଥିଲା ୨୦୨୪ର ଅନ୍ୟାନ୍ୟ ବଡ ଚଳଚ୍ଚିତ୍ର ବିଷୟରେ କହିବାକୁ ଗଲେ 'ପୁଷ୍ପା ୨' ସାରା ବିଶ୍ୱରେ ୧୮୦୦ କୋଟି ଟଙ୍କା ରୋଜଗାର କରିଛି ଅଲୁ ଅର୍ଜୁନଙ୍କ ଫିଲ୍ମର ବଜେଟ୍ ୩୫୦ କୋଟି ଏବଂ ୧୮୦୦ କୋଟି ସଂଗ୍ରହ ଅନୁଯାୟୀ ଏହି ଫିଲ୍ମ ମାତ୍ର ପାଞ୍ଚ ଗୁଣ ଅଧିକ ସଂଗ୍ରହ କରିଛି। ଯେତେବେଳେ କି କଳ୍କି ୨୮୯୮ ୬୦୦ କୋଟି ଟଙ୍କା ବଜେଟରେ ପ୍ରସ୍ତୁତ କରାଯାଇଥିଲା, ଯାହା ସାରା ବିଶ୍ୱରେ ୧୧୦୦ କୋଟିରୁ ଅଧିକ ଆୟ କରିଥିଲା ଏହା ବ୍ୟତୀତ ୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ସ୍ତ୍ରୀ ୨' ୮୭୫ କୋଟି ଟଙ୍କା ବ୍ୟବସାୟ କରିଥିଲା, ଯାହା ବଜେଟର ୧୦ ଗୁଣ ଥିଲା।

## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ



କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

## ଅର୍ଜୁନଙ୍କ ବ୍ୟତୀତ କିଏ ଶୁଣିଥିଲେ ଶ୍ରୀକୃଷ୍ଣଙ୍କ ଗୀତାଜ୍ଞାନ ? ଜାଣନ୍ତୁ



ମହାଭାରତ ଯୁଦ୍ଧ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ ଭାଇ ଅର୍ଥାତ କୌରବଙ୍କ ବିରୋଦ୍ଧରେ ଅସ୍ତ୍ର ଉଠାଇବାକୁ ରାଜି ନଥିଲେ ଅର୍ଜୁନ । ତାଙ୍କୁ ବୁଝେଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଦେଇଥିଲେ ଗୀତାଜ୍ଞାନ ।କୁରୁକ୍ଷେତ୍ରରେ ଚାରିଆଡେ ସେନା ଦ୍ୱାରା ଘେରି ହୋଇଥିଲେ ସମସ୍ତେ ।କିନ୍ତୁ ଗୀତା ଶୁଣାଇବା ସମୟରେ ଶ୍ରୀକୃଷ୍ଣ ସମୟକୁ ରୋକି ଦେଇଥିଲେ ଏବଂ ରଣଭୂମୀରେ ଥିବା ସୈନିକ ସ୍ତବ୍ଧ ହୋଇ ଯାଇଥିଲେ । ସମୟରେ ହିଁ ଗୀତାଜ୍ଞାନ ଅର୍ଜୁନଙ୍କୁ ଦେଇଥିଲେ ଶ୍ରୀକୃଷ୍ଣ ।ସବୁଠାରୁ ବଡ କଥା ହେଉଛି ଗୀତାଜ୍ଞାନ ଦେବା ବେଳେ ସମସ୍ତଙ୍କ ମଧ୍ୟରୁ କିଛି ଜଣ ହିଁ ଏହାକୁ ଶୁଣିପାରିଥିଲେ। ଗଣତି ଅନୁଯାୟୀ ଅର୍ଜୁନଙ୍କ ବ୍ୟତୀତ କେବଳ ୩ଜଣ ଥିଲେ ଯିଏକି ଶୁଣିପାରିଥିଲେ ଗୀତା ଜ୍ଞାନ ।ଆସନ୍ତୁ ଜାଣିବା ସେମାନେ କିଏ ଥିଲେସବୁଠାରୁ ପ୍ରଥମେ ଥିଲେ ବଜରଙ୍ଗବାଲୀ ହନୁମାନ । କାରଣ ସେ ଅର୍ଜୁନଙ୍କ ରଥରେ ହିଁ ଥିଲେ । ଦ୍ୱିତୀୟରେ ରହିଛନ୍ତି ସଞ୍ଜୟ । ତ । ଙ୍କ ବେଦବ୍ୟାସଙ୍କ କୃପାରୁ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଥିଲା । ଏହି କାରଣରୁ ହିଁ ସେ ମହଲରେ ଥାଇ ମଧ୍ୟ ଶୁଣିପାରିଥିଲେ ଗୀତା ଜ୍ଞାନ ।ତୃତୀୟ ତଥା ଶେଷରେ ଗୀତା ଜ୍ଞାନ ଶୁଣିଥିଲେ ଘଟୋତ୍କୋଚଙ୍କ ପୁଅ ଅର୍ଥା ଭୀମଙ୍କ ନାତି । ତାଙ୍କ ନାଁ ହେଉଛି ବର୍ବରିକ । ସେ ମଧ୍ୟ ଶ୍ରୀକୃଷ୍ଣଙ୍କ ବରଦାନରୁ ଶୁଣିପାରିଥିଲେ ଗୀତାଜ୍ଞାନ ।

## ପୋଇ ଶାଗରେ ରହିଛି ଅନେକ ଗୁଣ

### ଦୂର କରିଥାଏ ଆଇରନ୍ ସମସ୍ୟା



ଭାରତରେ ଅନେକ ପ୍ରକାର ଶାଗ ଉପଲବ୍ଧ। ଶାଗ ଆପଣ ନିଜର ଦୈନନ୍ଦିନ ଡାଏଟିରେ ସାମିଲ କରିପାରିବେ। ପୋଇ ମଧ୍ୟ ଏକ ପ୍ରକାର ଶାଗ ଯାହା ଭାରତରେ ମିଳେ। ପୋଇ ଶାଗ ବହୁତ ସ୍ୱାସ୍ଥ୍ୟକର। ଦେଖିବାକୁ ଏହା ପ୍ରାୟ ପାଳଙ୍ଗ ଶାଗ ଭଳି। ପୋଇ ଶାଗକୁ ବିଭିଭ ତରିକାରେ ରନ୍ଧାଯାଏ। ଏହି ଶାଗ ଶରୀରରେ ଆଇରନର ଅଭାବ ଦୂର କରିଥାଏ। ତାଛଡା ହୃଦୟ ଓ ମସ୍ତିଷ୍କକୁ ମଧ୍ୟ ସୁସ୍ଥ ରଖିଥାଏ। ନିୟମିତ ପୋଇ ଶାଗ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପୋଇ ଶାଗର ଆହୁରି ଅନେକ ଲାଭ ରହିଛି।

ପୋଇ ଶାଗ ଫାଇବର ଭଳି ପୋଷାକ ତତ୍ୱରେ ଭରପୁର। ଏହା ଶରୀରରେ ଥିବା ବ୍ୟାଡ୍ କୋଲେଷ୍ଟ୍ରୋଲକୁ କମ କରିଥାଏ ଓ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ରକ୍ତ ସଞ୍ଚାଳନରେ ସୁଧାର ଆଣିଥାଏ ଏବଂ ହୃଦୟ ସହ ଜଡିତ ରୋଗର ଆଶଙ୍କା କମ କରିଥାଏ। ଏଥିରେ ପୋଟାସିୟମ ମଧ୍ୟ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ।

ଆଇରନ୍ ବ୍ଲଡ୍ ସେଲର ଉଚିତ ଉତ୍ପାଦନର ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ। ଆଇରନ୍ ଅଭାବ ଯୋଗୁଁ ହେମୋଗ୍ଲୋବିନ୍ ଉତ୍ପାଦନ ପ୍ରଭାବିତ ହୋଇଥାଏ ଯେଉଁଥିପାଇଁ ଏନିମିଆ ହେବାର ଆଶଙ୍କା ଥାଏ।

ପୋଇ ଶାଗରେ ମ୍ୟାଗନେସିୟମ୍ ଓ କ୍ୟାଲସିୟମ୍ ଭରପୁର ମାତ୍ରାରେ ରହିଛି। ଏହି ଦୁଇଟି ପୋଷାକ ତତ୍ତ୍ୱ ହାଡ ମଜବୁତ କରିବାରେ ସାହାଯ୍ୟ କରିଥାଏ। ନିୟମିତ ସେବନ ଦ୍ୱାରା ହାଡ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ଏହା ଭିଟାମିନ୍-ସି ର ଏକ ପ୍ରମୁଖ ସ୍ରୋତ ଯେଉଁଥିପାଇଁ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

ଅନିଦ୍ରା ସମସ୍ୟା ପାଇଁ ମଧ୍ୟ ପୋଇ ଶାଗ ବହୁତ ଲାଭଦାୟକ। ଯଦି ଆପଣଙ୍କୁ ରାତିରେ ନିଦ ହେଉନାହିଁ କିମ୍ବା ଅନିଦ୍ରା ସମସ୍ୟା ରହିଛି ତାହେଲେ ନିୟମିତ ପୋଇ ଶାଗ ସେବନ କରିପାରିବେ। ପୋଇ ଶାଗରେ ମ୍ୟାଗନେସିୟମ ଜିଙ୍କର ଗୁଣ ରହିଛି ଯାହା ନିଦ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ

ପୋଇ ଶାଗରେ ବହୁ ମାତ୍ରାରେ ଫାଇବର ରହିଛି ଯାହା ପାଚନ ତନ୍ତ୍ରକୁ ମଜବୁତ କରିଥାଏ। ସୁସ୍ଥ ପାଚନ ପ୍ରଣାଳୀ ପାଇଁ ପୋଇ ଶାଗ ସେବନ କରିପାରିବେ। ତାଛଡା ଏହା ପେଟ ଜନିତ ସମସ୍ୟା ମଧ୍ୟ ଦୂର କରିଥାଏ। ଏହା ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

## କ'ଣ ମନି ପ୍ଲାଣ୍ଟ ଗଛ ଲଗାଇଲେ ଘରେ ଝଗଡ଼ା ହୁଏ

ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି



ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ।

# ବିକଶିତ ଓଡ଼ିଶା ପାଇଁ ନୂଆ ଅଧ୍ୟାୟ

## ପ୍ରମୁଖ ସ୍ଥାନଗୁଡ଼ିକୁ ସିଧାସଳଖ ବିମାନସେବାର ଶୁଭାରମ୍ଭ

ଭୁବନେଶ୍ୱର,୩।୧(ମହାଭାରତ): ବିକଶିତ ଓଡ଼ିଶା ପାଇଁ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଆଜି ଅପରାହ୍ଣରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଓ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଦେଶର ପ୍ରମୁଖ ସ୍ଥାନଗୁଡ଼ିକୁ ବିମାନ ସେବାର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱରରୁ ଜୟପୁର, କୋଚି, ଲକ୍ଷ୍ନୌ ଓ ପାଟ୍‌ନା ଏବଂ ଝାରସୁଗୁଡ଼ାରୁ ହାଇଦ୍ରାବାଦ, ରାୟପୁର ଓ ଲକ୍ଷ୍ନୌକୁ ବିମାନ ଚଳାଚଳ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ନୂଆ ଡେଷ୍ଟିନେସନ୍ ପଲିସି (ଏନଡିପି) ୨୦୨୪ ଆଧାରରେ ଏପରି ଉଡ଼ାଣ ରାଜ୍ୟର ବିମାନସେବା ଭିତ୍ତିଭୂମିକୁ ପ୍ରଶସ୍ତ କରିବ ବୋଲି କୁହାଯାଇଛି।

ଆଜିର ଉଡ଼ାଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ ପତାକା ଦେଖାଇ ବିମାନସେବାର ଶୁଭାରମ୍ଭ କରି କହିଲେ ଯେ ଏହା ଫଳରେ ଭାରତର ଅନ୍ୟାନ୍ୟ ଅଞ୍ଚଳ ସହିତ ଆମ ରାଜ୍ୟର ଲୋକ, ସଂସ୍କୃତି ଓ ଅର୍ଥନୀତି ମଧ୍ୟ ସଂଯୁକ୍ତ ହେବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସମର୍ଥ ଦିଗ୍‌ଦର୍ଶନ ଓ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ଏପରି ମହତ୍ତ୍ୱାକାଂକ୍ଷୀ ଅଭିଯାନ ସଫଳ ହୋଇଛି ବୋଲି ଦର୍ଶାଇ ଶ୍ରୀ ସିଂ କହିଲେ ଯେ ନୂଆସ୍ଥାନଗୁଡ଼ିକୁ ବିମାନ ଚଳାଚଳ ହେଲେ ରାଜ୍ୟର ଛାତ୍ରଛାତ୍ରୀ, ବୃତ୍ତିଧାରୀ ଓ ବ୍ୟବସାୟୀଙ୍କ ପରି ସମାଜର ବିଭିନ୍ନ ଶ୍ରେଣୀର ବ୍ୟକ୍ତିବିଶେଷ ଉପକୃତ ହେବେ। ଅନୁରୂପ ଭାବରେ ଚିଲିକା ଓ କୋଚି ମଧ୍ୟରେ ନୌବାହିନୀରେ



କାଯର୍ୟରତ ବନ୍ଧୁମାନେ ଗତାଗତ କରିପାରିବେ। ଏହି ବିମାନ ସେବା ସମସ୍ତଙ୍କ ମଧ୍ୟରେ ସଂପର୍କ ଦୃଢ଼ କରିବ ଓ ଜୀବନଧାରାକୁ ସୁଗମ କରିବ ବୋଲି ଶ୍ରୀ ସିଂ ପ୍ରକାଶ କରିଥିଲେ। ସେ ପ୍ରଥମ ବିମାନ ଯାତ୍ରୀଙ୍କୁ ଟିକେଟ ହସ୍ତାନ୍ତର କରିଥିଲେ। ଏୟାର ଇଣ୍ଡିଆ। ଏକ୍ସପ୍ରେସ୍ ଓ ଷ୍ଟାର୍ ଏୟାର ରାଜ୍ୟ ସରକାରଙ୍କୁ ଏହି କାଯର୍ୟରେ ସହଯୋଗ କରିଛନ୍ତି ଏବଂ ଦେଶର ବିଭିନ୍ନ ଅଞ୍ଚଳ ସହିତ ଓଡ଼ିଶାର ଯୋଗାଯୋଗକୁ ଗତିଶୀଳ କରିଛନ୍ତି। ଆଜି ଭୁବନେଶ୍ୱରରୁ ଜୟପୁର ଓ କୋଚି ମଧ୍ୟରେ ବିମାନସେବାର ଶୁଭାରମ୍ଭ ହୋଇଥିବାବେଳେ ଆସନ୍ତାକାଲି ଲକ୍ଷ୍ନୌକୁ ଉଡ଼ାଣ ହେବ। ୧୫ ତାରିଖ ଦିନ ପାଟ୍‌ନାକୁ ମଧ୍ୟ ଉଡ଼ାଣ ହେବ। ଇତି ମଧ୍ୟରେ ଏୟାର ଇଣ୍ଡିଆ। ଏକ୍ସପ୍ରେସ୍ ଭୁବନେଶ୍ୱରରୁ ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, ଜୟପୁର, କୋଚି, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ପାଟ୍‌ନା ଓ ପୁନେକୁ ୧୦୪ ସାପ୍ତାହିକ ବିମାନସେବା ଜାରି ରଖିଛି।

ଏୟାର ଇଣ୍ଡିଆ। ଏକ୍ସପ୍ରେସ୍ କର୍ତ୍ତୃପକ୍ଷ ବିମାନକୁ ଓଡ଼ିଶାର ପାରମ୍ପରିକ ସମ୍ବଲପୁରୀ ବୟନକଳାରେ ସୁଶୋଭିତ କରିଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ରାଜ୍ୟରେ ବିମାନସେବା କ୍ଷେତ୍ରରେ ଏପରି ସଂପ୍ରସାରଣ ଅର୍ଥନୀତିକ ପ୍ରଗତି ଓ ସୁଦୃଢ଼ ସଂପର୍କକୁ ଅଧିକ ଗତିଶୀଳ କରିବା ସହିତ ଆମର ପଯର୍ୟଟନ ସମେତ ବିମାନସେବା କ୍ଷେତ୍ରକୁ ପରିପୁଷ୍ଟ କରିବ। କାଯର୍ୟକ୍ରମରେ ବିଭାଗର ପଦସ୍ଥ ଅଧିକାରୀବୃନ୍ଦଙ୍କ ସମେତ ଏୟାର ଇଣ୍ଡିଆ। ଏକ୍ସପ୍ରେସ୍‌ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୪.୩୬ କୋଟି ଦେଲା ପଣ୍ୟାଗାର ନିଗମ

**ଭୁବନେଶ୍ୱର, ୩।୧ (ମହାଭାରତ) :** ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୪.୩୬ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି। ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ଦୁଇଟି ଆର୍ଥିକ ବର୍ଷର ନିମନ୍ତେ ଏହି ଲାଭାଂଶ ପ୍ରଦାନ କରାଯାଇଛି।

ଏହି ସମୟରେ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ସମବାୟ ବିଭାଗ କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।

ଆର୍ଥିକ ବର୍ଷ ୨୦୧୯-୨୦୨୦ ଏବଂ ୨୦୨୦-୨୧ ପାଇଁ ନିଗମର ମୋଟ ଲାଭ ହେଉଛି ଯଥା କ୍ରମେ ୬,୩୬,୯୫,୫୫୬ ଟଙ୍କା ଏବଂ ୨୨,୭୧,୭୯,୪୫୪ ଟଙ୍କା। ତେଣୁ ଏହି ଦୁଇ ବର୍ଷ ପାଇଁ ମୋଟ ଲାଭର ୩୦% ହିସାବରେ ଡିଭିଡେଣ୍ଡ୍ ରାଶି ଯାହାକି ୮,୭୨,୬୨,୫୦୨ କୁ ଉଭୟ ଅଂଶୀଦାରଙ୍କୁ (ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମ) ସମ ପରିମାଣରେ (ଅର୍ଥାତ ପ୍ରତିଟି ଅଂଶୀଦାରଙ୍କୁ ୪,୩୬,୩୧,୨୫୧ ଟଙ୍କା) ପ୍ରଦାନ କରାଯାଇଛି।

# ଡିଡିୟୁ-ଜିକେୱାଇ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩।୧(ମହାଭାରତ) :** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓର୍ମାସ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା (ଡିଡିୟୁ-ଜିକେୱାଇ)ର ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ଣରେ ଖୋର୍ଦ୍ଧା ଜିଲ୍ଲା କଣ୍ଟାବାଡ଼ଠାରେ ଥିବା ଡିଡିୟୁ-ଜିକେୱାଇର ଦୁଇଟି ତାଲିମ୍ କେନ୍ଦ୍ରରେ ଏହି ତାଲିମ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ନାଏକ ପ୍ରଥମେ ସାହାନା କ୍ଲୋଥିଂ କମ୍ପାନି ଦକ୍ଷତା ବିକାଶ ତାଲିମ୍ କେନ୍ଦ୍ରରେ ତାଲିମ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ସେଠାରେ ସିଲାଇ ମେସିନ୍ ଅପରେଟର ଟ୍ରେଡ୍ରେ ତାଲିମ୍ ଗ୍ରହଣ କରୁଥିବା ପ୍ରଶିକ୍ଷାର୍ଥୀଙ୍କ ସହିତ ମନ୍ତ୍ରୀ ବାର୍ତ୍ତାଳାପ କରିବା ସହ ସିଲାଇ ମେସିନ୍ ଲାବ୍, କମ୍ପ୍ୟୁଟର ଲ୍ୟାବ୍, କ୍ୟାଣ୍ଟିନ୍, ହଷ୍ଟେଲ ଏବଂ ଶ୍ରେଣୀଗୃହ ଆଦି ବୁଲି ଦେଖିଥିଲେ। ପରେ ଆୟୋଜିତ ସଭାରେ



ନବାଗତା ପ୍ରଶିକ୍ଷାର୍ଥୀମାନଙ୍କୁ ମନ୍ତ୍ରୀ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଏଥି ସହ ପୂର୍ବରୁ ସିଲାଇ ମେସିନ୍ ଅପରେଟର ଟ୍ରେଡ୍ରେ ତାଲିମ୍ ଗ୍ରହଣ କରି ସାହାନା କମ୍ପାନିରେ ତାମିଲନାଡୁର କୋଏମ୍ବାଟୁର ସହରରେ ଚାକିରି କରିଥିବା ଓଡ଼ିଆ। ଯୁବତୀଙ୍କ ସହ ଆଭାସି ଜରିଆରେ ମନ୍ତ୍ରୀ ଶ୍ରୀ ନାଏକ ବାର୍ତ୍ତାଳାପ କରିବା ସହ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ତାଲିମ୍ ବ୍ୟବସ୍ଥାରେ ବିଭିନ୍ନ ସୁବିଧା ଓ ପ୍ରଶିକ୍ଷାର୍ଥୀମାନଙ୍କ ଅନୁଭୂତି ଜାଣିବା ପରେ ମନ୍ତ୍ରୀ ଓର୍ମାସ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାକୁ ନେଇ ଖୁସି ପ୍ରକଟ କରିଥିଲେ।

ଆୟୋଜିତ ସଭାରେ ମନ୍ତ୍ରୀ ଶ୍ରୀ ନାଏକ ପ୍ରଶିକ୍ଷାର୍ଥୀମାନଙ୍କୁ ଆଗାମୀ ଦିନରେ ତାଲିମ୍ ଗ୍ରହଣ କରି କେବଳ ଚାକିରି ନ କରି ଆତ୍ମନିର୍ଭରଶୀଳ ହେବା କିମ୍ବା ନିଜ ଦ୍ୱାରା କୌଣସି କେନ୍ଦ୍ର ଆଦି ଖୋଲିବା ବା ପରିଚାଳନା କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ କଣ୍ଟାବାଡ଼ଠାରେ ଥିବା କଟନ୍ ବ୍ଲସମ୍ କମ୍ପାନି ତାଲିମ କେନ୍ଦ୍ରରେ ମନ୍ତ୍ରୀ ତାଲିମ୍ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ତାଲିମ କେନ୍ଦ୍ର ପ୍ରଦର୍ଶନ କରିବା ସହ ସେଠାରେ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ତାଲିମ ବ୍ୟବସ୍ଥା, ହଷ୍ଟେଲ ସୁବିଧା, ସେମାନଙ୍କ ପରିବାର କଥା ଆଦି ପ୍ରସଙ୍ଗରେ କଥାବାର୍ତ୍ତା କରିଥିଲେ। ସେଠାରେ ମଧ୍ୟ ମନ୍ତ୍ରୀ ନବାଗତା ପ୍ରଶିକ୍ଷାର୍ଥୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ।

ଜିଲ୍ଲା ପ୍ରଶାସନ, ଖୋର୍ଦ୍ଧା ଏବଂ ଓରମାସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓର୍ମାସ୍ର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ସମେତ ଓର୍ମାସ୍ର ବରିଷ୍ଠ ଅଧିକାରୀ, ଖୋର୍ଦ୍ଧା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଦୁଇ ତାଲିମ୍ କେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଏହି ଡିଡିୟୁ-ଜିକେୱାଇ ଯୋଜନାରେ ୨୦୨୫-୨୬ ବର୍ଷ ପାଇଁ ୧୧ ହଜାର ୪୩୨ ଜଣ ଯୁବକଯୁବତୀଙ୍କୁ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥି ପାଇଁ ୧୩ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାକୁ ଚୟନ କରାଯାଇଛି। ୧୩ଟି କେନ୍ଦ୍ରରେ ଏହି ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।

# ପ୍ରବାସୀ ଭାରତୀୟ ଦିବସ ପାଇଁ ପୋଲିସ ସୁରକ୍ଷା କଡ଼ାକଡ଼ି

**ଭୁବନେଶ୍ୱର,୩।୧(ମହାଭାରତ):** ଆସନ୍ତା ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଇଁ ଶୃଙ୍ଖଳିତ ଓ ସୁପରିଚାଳନା ପାଇଁ ରାଜ୍ୟ ପୋଲିସ ବାହିନୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଭୁବନେଶ୍ୱର ଠାରୁ ଆରମ୍ଭ କରି କଟକ ଓ ପୁରୀ ପର୍ଯ୍ୟନ୍ତ ସବୁଠାରେ ଯାଞ୍ଚ ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ପୋଲିସ ଡିଜି ୱାଇ ବି ଖୁରାନିଆ ସମସ୍ତ ପୋଲିସ ବାହିନୀକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଯେପରି ସାମାନ୍ୟତମ ତ୍ରୁଟି ନ ରୁହେ ସେଥିପ୍ରତି ଯତ୍ନବାନ ହେବା ପାଇଁ ସବୁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି।

ଆଜି ପୋଲିସ ଡିଜିପିଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କାର୍ଯ୍ୟାଳୟ ଠାରେ ଏ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ପରେ ଡିଜିପି ଶ୍ରୀ ଖୁରାନିଆ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ପୋଲିସ ବିଭାଗର ପ୍ରସ୍ତୁତି, ପରିଚାଳନା, ପୋଲିସ କର୍ମଚାରୀ ମୁତୟନ, ଟ୍ରାଫିକ ସୁପରିଚାଳନା ଆଦି ସଂପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା।ଏହି ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ସରକାରଙ୍କ ବହୁ ବରିଷ୍ଠ ମନ୍ତ୍ରୀ, ଅତିଥି, ପ୍ରବାସୀ ଭାରତୀୟ ଏବଂ ବୈଦେଶିକ ବ୍ୟାପାର ବିଭାଗ ଅଧିକାରୀମାନଙ୍କ ସହ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଯୋଗ ଦେବେ। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରିବାକୁ ଡିଜିପି ଶ୍ରୀ ଖୁରାନିଆ। ନିର୍ଦ୍ଦେଶ ଦେଇଛନ୍ତି। ବିମାନବନ୍ଦରରେ ସୁରକ୍ଷା ଏବଂ ଅତିଥିଙ୍କ ଆଗମନ ସମୟରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା, ଭିଭିଆଇପିଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା, ଜନତା ମଇଦାନ କାର୍ଯ୍ୟକ୍ରମ ସ୍ଥଳର ସୁରକ୍ଷା, ଭିଭିଆଇପିଙ୍କ ରୁଟ ଲାଇନ ଏବଂ ସେହି ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ଆଦି ସଂକ୍ରାନ୍ତରେ ଉପଯୁକ୍ତ ପଦକ୍ଷେପ ନେବାକୁ ଡିଜିପି ଶ୍ରୀ ଖୁରାନିଆ। ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଯାନବାହାନ ପାର୍କିଂ ସ୍ଥଳ, ଉତ୍ସବ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଭାବେ ଡିଜିପି ଶ୍ରୀ ଖୁରାନିଆ। ସମୀକ୍ଷା କରିଥିଲେ।ଏହା ସହ ବିଭିନ୍ନ ହୋଟେଲରେ ଅତିଥିଙ୍କ ସୁରକ୍ଷିତ ରହଣି ପାଇଁ ମଧ୍ୟ ଉପଯୁକ୍ତ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପ୍ରବାସୀ ଭାରତୀୟ ମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥାନ ପରିଦର୍ଶନ ପାଇଁ ଗସ୍ତ କରିବେ। ଭୁବନେଶ୍ୱର, କଟକ ଓ ପୁରୀ ଆଦି ସ୍ଥାନରେ ଥିବା ପର୍ଯ୍ୟଟନ ସ୍ଥଳ ଗୁଡିକର ସୁରକ୍ଷା ବ୍ୟବସ୍ଥା ବଢାଇବା ସଂକ୍ରାନ୍ତରେ ଡିଜିପି ଗୁରୁତ୍ୱାରୋପ କରିଥିଲେ।ଏହା ସହ ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ ଆଦି ଜିଲ୍ଲାରେ ଥିବା ହୋଟେଲ ଗୁଡିକର କଡାକଡ଼ି ଯାଞ୍ଚ କରିବାକୁ ମଧ୍ୟ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ନିୟମିତ ବ୍ୟବଧାନରେ ହୋଟେଲ ଗୁଡିକର ଯାଞ୍ଚ, ଅତିଥିଙ୍କ ସମ୍ପୂର୍ଣ୍ଣ ବିବରଣୀ ସମ୍ପର୍କରେ ସମସ୍ତ ତଥ୍ୟ ପୋଲିସ ନିକଟରେ ରହିବା ଆବଶ୍ୟକ ଏବଂ ଏହାର ସଠିକ ତଦାରଖ କରିବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଉକ୍ତ ବୈଠକରେ (ଗୁଇନ୍ଦା) ନିର୍ଦ୍ଦେଶକ, ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର (କଟକ-ଭୁବନେଶ୍ୱର), ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଳ ଗଙ୍ଗୱାର, ଅତିରିକ୍ତ ପୋଲିସ କମିଶନର (କଟକ-ଭୁବନେଶ୍ୱର), ଡ଼. ଉମାଶଙ୍କର ଦାଶ, ଡି. ଆଇ. ଜି (କେନ୍ଦ୍ରାଞ୍ଚଳ) ଚରଣ ସିଂ ମିନା, ଡିସିପି (ଭୁବନେଶ୍ୱର), ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୬ରେ ବିଜେଡିର ବିକ୍ଷୋଭ

**ଭୁବନେଶ୍ୱର, ୩।୧(ମହାଭାରତ) :** ରାଜ୍ୟରେ ଅତ୍ୟାବଶକୀୟ ଜିନିଷର ଅହେତୁକ ଦରବୃଦ୍ଧି ବିରୁଦ୍ଧରେ ବିଜେଡି ପକ୍ଷରୁ ଆସନ୍ତା ୬ ତାରିଖ ଦିନ ଲୋକସେବା ଭବନରେ ଏକ ବିରାଟ ଗଣବିକ୍ଷୋଭ କରାଯିବ ବୋଲି ଶଙ୍ଖଭବନ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା ସାମ୍ବାଦିକ ମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଡବଲ ଇଞ୍ଜିନ ଡବଲ ବିକାଶର ନାରା ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟରେ ଆସିଥିବା ବିଜେପି ସରକାର ଦରଦାମ ନିୟନ୍ତ୍ରଣ ଓ ଅର୍ଥନୀତିର ସୁପରିଚାଳନା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମୁଦ୍ରାସ୍ଫୀତି ବୃଦ୍ଧିରେ ନୂଆ। ରେକର୍ଡ ସୃଷ୍ଟି ହୋଇଛି। ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ନିୟମିତ ଭାବେ କମି ଚାଲିଥିବା ବେଳେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର କମିବା ପରିବର୍ତ୍ତେ ବଢ଼ି ଚାଲିଛି। ମୁଦ୍ରାସ୍ଫୀତି ବୃଦ୍ଧିର କିଛି ତଥ୍ୟ ଦେଇ ଶ୍ରୀ ମିଶ୍ର କହିଥିଲେ, ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବର ମାସରେ ୫.୪୮ ପ୍ରତିଶତକୁ ଛୁଇଁଛି, ଯାହା ଗତ ୯ ମାସରେ ସବୁଠାରୁ ଅଧିକ। ସେହିପରି, ଖାଦ୍ୟ ସାମଗ୍ରୀ ଗୁଡିକର ମୁଦ୍ରାସ୍ଫୀତି ନଭେମ୍ବର ମାସରେ ୯.୪ ପ୍ରତିଶତ ରହିଛି, ଯାହା ମଧ୍ୟ ସର୍ବାଧିକ। ପନିପରିବା ଦର ଗତ ଅଗଷ୍ଟ ମାସରେ ୩୫.୯୯ ପ୍ରତିଶତ ବୃଦ୍ଧି ପାଇଥିଲା। ସେହିପରି ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ମଧ୍ୟ ୬.୬୮ ପ୍ରତିଶତକୁ ଛୁଇଁଛି। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା କ୍ଷେତ୍ରରେ ଉଭୟ କେନ୍ଦ୍ର ସରକାର ଓ ଓଡିଶା ସମେତ ବିଜେପି ଶାସିତ ରାଜ୍ୟ ସରକାର ମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

## ବିଜେପି କାର୍ଯ୍ୟାଳୟରେ 'ବୀର ବାଲ୍ ଦିବସ'ପାଳିତ

**ଭୁବନେଶ୍ୱର, ୩।୧(ମହାଭାରତ) :** ବୀର ସାହେବଜାଦେଙ୍କ ବୀରତ୍ୱର କାହାଣୀ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଥିଲା। ଗୁରୁ ଗୋବିନ୍ଦ ସିଂହ ଜୀ ଏବଂ ତାଙ୍କ ଚାରି ବୀର ସାହେବଜାଦେଙ୍କ ସାହସ ଏବଂ ଆଦର୍ଶ ଆଜି ପ୍ରତ୍ୟେକ ଭାରତୀୟଙ୍କୁ ଅନୁପ୍ରାଣିତ କରିଛି। ଦେଶର ସମ୍ମାନ ରକ୍ଷା କରିବା ପାଇଁ ଦଶମ ଶିଖ୍ ଗୁରୁଙ୍କ ମହାନ ଯୋଗଦାନ ଏବଂ ଶିଖ୍ ପରମ୍ପରାର ବଳିଦାନକୁ ଏହି ଦିବସ ମନେ ପକାଇଥାଏ। ଗତ ୨୦୨୨ ମସିହା ଜାନୁଆରୀ ୯ ତାରିଖରେ ଗୁରୁ ଗୋବିନ୍ଦ ସିଂହଙ୍କ ବାର୍ଷିକ ଜନ୍ମ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିସେମ୍ବର ୨୬ ତାରିଖକୁ 'ବୀର ବାଲ୍ ଦିବସ' ରୂପେ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଦେଶବ୍ୟାପୀ ଏହି ଦିବସ ପାଳନ କରାଯାଉଛି। ସେମାନଙ୍କ ସାହସକୁ ମନେ ପକାଇ ପ୍ରତିବର୍ଷ ୨୬ ଡିସେମ୍ବରକୁ ବୀର ବାଲ ଦିବସ' ଭାବରେ ପାଳନ କରାଯାଉଛି। ଧର୍ମରକ୍ଷା ପାଇଁ ଜୋରାବର ଓ ଫତେ ସିଂଙ୍କ ବଳିଦାନ ଅବିସ୍ମରଣୀୟ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ଶ୍ରୀ ସାମଲ ଶିଖ୍ ସମ୍ପ୍ରଦାୟର ଶିଶୁମାନଙ୍କ ସାହସିକତାକୁ ଭୂରିଭୂରି ପ୍ରଶଂସା କରିବା ସହ ଭୁବନେଶ୍ୱରର ଖାରବେଳନଗର ସ୍ଥିତ ଗୁରୁଦ୍ୱାରକୁ ଯାଇ ବାଲ୍ ବୀର ଜୋରଦାର ସିଂହ ଓ ଫତେ ସିଂହଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ଏବଂ ପ୍ରାର୍ଥନା ସଭାରେ ଯୋଗଦେଇଥିଲେ।

ଶ୍ରୀ ସାମଲ କହିଥିଲେ ଯେ, ମୋଗଲ ଶାସନ କାଳରେ ଭାରତୀୟ ସନାତନୀଙ୍କ ଉପରେ ଧର୍ମପରିବର୍ତ୍ତନ ନିମନ୍ତେ ନାନା ପାଶବିକ ଅତ୍ୟାଚାର କରାଯାଉଥିଲା। ମୋଗଲ ସମ୍ରାଟ ଔରଙ୍ଗଜେବ କଳେବଳେ କୌଶଳେ ଅଥବା ତରବାରୀର ତୀକ୍ଷ୍ଣ ଧାରରେ ଧର୍ମାନ୍ତରୀକରଣ ପାଇଁ ବାଧ୍ୟ କରୁଥିଲେ। ଯେଉଁମାନେ ଏହାକୁ ଅବମାନନା କରୁଥିଲେ ସେମାନଙ୍କୁ ନୃଶଂସଭାବେ ହତ୍ୟା କରାଯାଉଥିଲା। ୧୭୦୪ ମସିହା ଡିସେମ୍ବର ୨୨ରେ ସିରସା ନଦୀକୂଳରେ ଖାଲସା ଓ ମୋଗଲମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏହି ସମୟରେ ୪୦ ଜଣ ଶିଖ୍ ଦେ ଲକ୍ଷ ମୋଗଲ ସେନାଙ୍କ ବିରୋଧରେ ଧର୍ମଯୁଦ୍ଧ ଲଢିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ ପିପିଲି ଗୁଡିଆ। ପୋଖରୀ ଠାରେ ଗୁରୁନାନକ ପବ୍ଲିକ୍ ସ୍କୁଲ ଠାରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ବୀର ବାଲ ଦିବସ ଅବସରରେ ଯୋଗ ଦେଇ ଦୁଇ ବୀର ବାଳକଙ୍କ ବୀର ଗାଥା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ସ୍କୁଲର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ସେହିପରି ଆଜି ରାଜ୍ୟ କାର୍ଯ୍ୟାଳୟ ଠାରେ 'ବୀର ବାଲ୍ ଦିବସ' ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ ରାଷ୍ଟ୍ର ଧର୍ମର ସୁରକ୍ଷା ପାଇଁ ସହୀଦ ହୋଇଥିବା ମହାପୁରୁଷଙ୍କ ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀ ଅମରଜିତ୍ ସିଂହ ଓ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ତଥା ବୀର ବାଲ ଦିବସ ରାଜ୍ୟ ସଂଯୋଜକ ସୁରଥ ବିଶ୍ୱାଳ ଯୋଗ ଦେଇଥିଲେ।

## ଜାନକୀ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର, ୩।୦୧ (ମହାଭାରତ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳତଥା ବିଶିଷ୍ଟରାଜନିତୀଜ୍ଞସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ ତମଜୟନ୍ତୀ ଉତ୍ସବ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷର କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି।ଏହି ଅବସରରେ କଂଗ୍ରେସନେତୃ ବୃନ୍ଦ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଚିନ୍ମୟ ସୁନ୍ଦର ଦାଶ, ପ୍ରକାଶଜେନା, ନଜିବୁର ରହେମାନ୍ ଖାଁ, ତରୁଣମିଶ୍ର, ମିହିର ଆଚାର୍ଯ୍ୟ, ଏମ୍‌ଡ଼ିସାହା ଦୁଲ୍ଲା, ଖଗେଶ୍ୱରମଲ୍ଲିକ, ସାଗର ପରିଡ଼ାଓ ଧନଞ୍ଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣକରିଥିଲେ।

# ସହରୀ ଶାସନ ଉପରେ ରିଫ୍ରେସର ତାଲିମ

**ଭୁବନେଶ୍ୱର,୩।୧(ମହାଭାରତ):** ରାଜ୍ୟ ସହରାଞ୍ଚଳ ବିକାଶ ଏଜେନ୍ସି ଓଡିଶାର ସମସ୍ତ ୧୧୫ ପୌର ସଂସ୍ଥାରେ କାର୍ଯ୍ୟ କରୁଥିବା କମ୍ୟୁନିଟି ସଂଗଠକ, ଏମ୍.ଆଇ. ଏସ୍ ପ୍ରଫେସନାଲ / କନସଲଟାଣ୍ଟ ଏବଂ ଆକାଉଣ୍ଟାଣ୍ଟଙ୍କ ପାଇଁ ସହରୀ ଶାସନ ଉପରେ ଏକ ରିଫ୍ରେସର ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା ତୃଣମୂଳ ସ୍ତରରେ ସହରୀ ଶାସନ ଏବଂ ଦକ୍ଷତା ବୃଦ୍ଧି ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରତିବଦ୍ଧତା ଅଧୀନରେ ଏହି ତାଲିମ ଏକ ପ୍ରମୁଖ ପଦକ୍ଷେପ।




ଅଂଶଗ୍ରହଣକାରୀମାନଙ୍କ ସହିତ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ଆଲୋଚନା ପ୍ରସଙ୍ଗରେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ର ଦୂରଦୃଷ୍ଟି ହାସଲ କରିବାରେ ସାମୂହିକ ଉଦ୍ୟମ ତଥା ଉତ୍ସର୍ଗୀକୃତତାର ମୁଖ୍ୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ନାଗରିକ-କେନ୍ଦ୍ରିକ ପଦକ୍ଷେପ ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

ପୌର ସଂସ୍ଥା ଗୁଡିକର କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବାରେ କାର୍ଯ୍ୟରତ ଗୋଷ୍ଠୀ ସଂଗଠକ ଓ ବୈଷୟିକ କର୍ମଚାରୀ ମାନଙ୍କର ଭୂମିକାକୁ ଶ୍ରୀମତୀ ପାଢ଼ୀ ପ୍ରଶଂସା କରିଥିଲେ ସହରାଞ୍ଚଳ ଭିତ୍ତିଭୂମିରେ ଉନ୍ନତି ଆଣିବା, ସ୍ୱଚ୍ଛତା ବୃଦ୍ଧି ଏବଂ ଓଡ଼ିଶାର ସହର ଏବଂ ସହରଗୁଡ଼ିକରେ ଅନ୍ତର୍ଭୂକ୍ତ ଅଭିବୃଦ୍ଧି ସୁନିଶ୍ଚିତ କରିବାରେ ଦିଗରେ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ସହରୀ ଶାସନ କ୍ଷେତ୍ରରେ ସର୍ବୋତ୍ତମ ଅଭ୍ୟାସ, ପରିଚାଳନା ସୂଚନା ପ୍ରଣାଳୀର ପ୍ରଭାବଶାଳୀ ବ୍ୟବହାର, ଆର୍ଥିକ ପରିଚାଳନା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ ଉପରେ ଅଧିବେଶନରେ ବିଶେଷ ଭାବରେ ଆଲୋଚନା କରିଥିଲେ।

ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ଆତ୍ମନିର୍ଭରଶୀଳ ହେବା ଏବଂ ସମସ୍ତ ସହରୀ ବାସିନ୍ଦାଙ୍କ ପାଇଁ ଏକ ଉଚ୍ଚ ମାନର ଜୀବନ ସୁନିଶ୍ଚିତ କରିବା ପାଇଁ ପୌରାଞ୍ଚଳ ଗୁଡିକୁ ସଶକ୍ତ କରିବାର ଲକ୍ଷ୍ୟ ସହିତ ସମାନ ଅଟେ। ଓଡିଶାର ବିକାଶ ପଥରେ ମୂଳଦୁଆ। ଭାବରେ ସହରୀ ଶାସନରେ ନବସୃଜନ, ଦକ୍ଷତା ଏବଂ ଉତ୍ତରଦାୟିତ୍ୱ ଚଳାଇବା ପାଇଁ ବିଭାଗ ପ୍ରତିବଦ୍ଧ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ତଥା ପିଡି, ସୁଡା ରବିନ୍ଦ୍ର ସାହୁ, ଅତିରିକ୍ତ ଶାସନ ସଚିବ ସୌରିନ୍ଦ୍ର ରାଉତରାୟ , ଯୁଗ୍ମ ଶାସନ ସଚିବ ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ।

## ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ ଡିଗ୍ରୀ ତଳେ ତାପମାତ୍ରା

**ଭୁବନେଶ୍ୱର,୩।୧(ମହାଭାରତ) :** ରାଜ୍ୟରେ ଜାରି ରହିଛି ଶୀତ ଲହରୀ। ଏପରିକି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ କିମ୍ବା ଏହାଠାରୁ କମ୍ ରହୁଥିବା ରେକର୍ଡ କରାଯାଇଛି। ଏଭଳି ସ୍ଥିତିରେ ୫ ତାରିଖ ପରେ ରାଜ୍ୟରେ ଶୀତ କମିବା ସମ୍ଭାବନା ରହିଛି। ସକ୍ରିୟ ହେବାକୁ ଥିବା ପଶ୍ଚିମା ଝଡ଼ ପ୍ରଭାବରେ ଶୀତ କମିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପଶ୍ଚିମା ଝଡ଼ ପ୍ରଭାବରେ ଶୁଷ୍କ ଥଣ୍ଡା ବାୟୁ ଦୁର୍ବଳ ହେବନ୍ୟ ଏଥିସହ ପୂର୍ବ ଦିଗରୁ ଉଷ୍ମ ଜଳୀୟବାଷ୍ପ ପ୍ରବାହ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଢେଙ୍କାନାଳ ଓ କନ୍ଧମାଳରେ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସେହିପରି କଳାହାଣ୍ଡି, କୋରାପୁଟ ଓ ଗଞ୍ଜାମରେ ମଧ୍ୟ ହାଲୁକା କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି।

# ବିଜେଡି ଶାସନରେ ଦରଦାମ ସର୍ବାଧିକ ଥିଲା : ବିଜେପି

**ଭୁବନେଶ୍ୱର,୩।୦୧(ମହାଭାରତ) :** ରାଜନୈତିକ ସଙ୍କଟ ଭିତରେ ଗତି କରୁଥିବା ବିଜୁ ଜନତା ଦଳ ନିଜର ଅସ୍ତିତ୍ୱ ବଂଚାଇବା ପାଇଁ ଏବେ ବାରମ୍ବାର ନାଟକର ସାହାରା ନେଉଛି। ଦୁଇଦିନ ତଳେ ଚାଷୀଙ୍କ ଫସଲ କ୍ଷୟକ୍ଷତି ଦେଖିବା ବାହାନାରେ ବିଜୁ ଜନତା ଦଳ ଯେଉଁ ନାଟକ ରଚିଥିଲା ତାହା ପଦାରେ ପଡିସାରିଛି। ଓଡିଶାର ଲୋକେ ଦେଖିଲେ କିଭଳି ଜଣେ ବିଜେଡିର କୁଜି ନେତା ଜିନ୍ସ ପ୍ୟାଂଟ୍ ପିନ୍ଧି ଗାଡିରେ ଆସିଲେ, ପୋଷାକ ବଦଳାଇ ଗାମୁଛା ପିନ୍ଧିଲେ, ନବୀନ ବାବୁ ସେଠାରେ ପହଁଚିବା ପରେ ସେ ଚାଷୀ ହୋଇ କାନ୍ଦିଲେ ଏବଂ ଗଣମାଧ୍ୟମ ଚାଲିଯିବା ପରେ ଭଲ ଅଭିନୟ ହୋଇଛି ଭାବି ହସିଲେ।

ଏହି ସମସ୍ତ କଥା ଓଡିଶାର ଗଣମାଧ୍ୟମରେ ପ୍ରସାରିତ ହୋଇସାରିଛି। ଏସବୁ ଡ୍ରାମା ଦେଖିଲେ ଲାଗୁଛି ଯେ, ବିଜୁ ଜନତା ଦଳ ଓ ନବୀନ ବାବୁ ଚାଷୀମାନଙ୍କୁ କିଭଳି ପ୍ରତାରଣା କରିପାରନ୍ତି ଓ ସେମାନଙ୍କ ମନରେ କେତେ ଛଳନା ଭରି ରହିଛି। ବିଜୁ ଜନତା ଦଳର ସେହି ଦିନର ଅଭିନୟ ଦେଖି ଲାଗୁଛି ଯେ, ତାଙ୍କ ଦଳର ନାଁ ବିଜୁ ଯାତ୍ରା ଦଳ ହେବା ଦରକାର। ସେହି ଦିନର ନାଟକ ବିଜୁ ଜନତା ଦଳ ଓ ନବୀନ ବାବୁଙ୍କୁ ଲୋକହସା କରିବା ପରେ ଏବେ ସେମାନେ ଦରବୃଦ୍ଧି ହୋଇଛି ବୋଲି କହି ପୁଣି ନୂଆ ନାଟକ ରଚି ଦୁଇ ଦିନ ତଳର ରଚିଥିବା ପୁରୁଣା ନାଟକ ଉପରୁ ଦୃଷ୍ଟି ହଟାଇବା ପାଇଁ ଚାହୁଁଛନ୍ତି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଅନିଲ ବିଶ୍ୱାଳ କହିଛନ୍ତି।

ରାଜ୍ୟ ମୁଖପାତ୍ର ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଏପ୍ରିଲ ୨୦୨୪ରେ ପରିସଂଖ୍ୟାନ ମନ୍ତ୍ରଣାଳୟ ଯେଉଁ ତଥ୍ୟ ପ୍ରକାଶ କରିଥିଲା ସେଥିରେ ଓଡିଶାର ଦରଦାମ ବୃଦ୍ଧି ହାର ଦେଶରେ ୧ ନଂ ସ୍ଥାନରେ ଥିଲା। କେବଳ ସେତିକି ନୁହେଁ ସେହି ରିପୋର୍ଟରେ ସେତେବେଳେ ପ୍ରକାଶିତ ହୋଇଥିଲା ଯେ, ଓଡିଶା ପ୍ରାୟ ୧ବର୍ଷ ଧରି ଦରଦାମ ବୃଦ୍ଧି ହାରରେ ଦେଶରେ ସବୁଠୁ ଆଗରେ ରହିଛି। ସେତେବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ଥିଲେ ? ନବୀନ ବାବୁଙ୍କର ଏହା କେଉଁ ସୁଶାସନର ପ୍ରଦର୍ଶନ ଥିଲା ତାହା ବିଜୁ ଜନତା ଦଳ ସ୍ପଷ୍ଟ କଲେ ଭଲ ହୁଅନ୍ତା। ଓଡିଶାରେ ଦୀର୍ଘ ୨୪ ବର୍ଷ ନବୀନ ବାବୁ ସରକାରରେ ଥିଲେ।

ଆଳୁ, ପିଆଜ, ଟମାଟୋ, ରସୁଣ ଏସବୁ ରାଜ୍ୟରେ ଉତ୍ପାଦନ ପାଇଁ ବିଜେଡି ସରକାର କୌଣସି ପଦକ୍ଷେପ ନେଇନଥିଲା ବରଂ ଆଳୁ ମିଶନ ଓ ପିଆଜ ମିଶନ ନାଁରେ ଶହ ଶହ କୋଟି ଟଙ୍କା ହରିଲୁଟ୍ କରାଗଲା। ବିଜେଡି ପ୍ରଥମେ ରାଜ୍ୟବାସୀଙ୍କୁ ଉତର ଦେଉ କାହିଁକି ଓଡିଶା ଆଜି ଆଳୁ, ପିଆଜ, ଟମାଟୋ, ରସୁଣ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ? ନିଜର ପାପକୁ ଅନ୍ୟ ମୁଣ୍ଡରେ ଦେବାର ପୁରୁଣା ଅଭ୍ୟାସ ବୋଧ ହୁଏ ନବୀନ ବାବୁ ଛାଡିପାରିନାହାଁନ୍ତି। ଯେବେ ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିଲେ ଓଡିଶାର ଦରଦାମ ବୃଦ୍ଧି ହାର ୭.୭% ରୁ ଅଧିକ ରହୁଥିଲା। ଏବେ ଏହା ୧% କମି ୬.୭% ହୋଇଛି। ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବାର୍ଷିକ ହାରାହାରି ଭାବରେ ଆଳୁ ଦର ବର୍ଷକୁ ୫୩%, ଟମାଟୋ ୪୨%, ପିଆଜ ୩୬% ହାରରେ ଦରବୃଦ୍ଧି ହେଉଥିଲା।

# ମୋବାଇଲ୍ ଆଶକ୍ତି

ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ସାଂପ୍ରତିକ ସମୟରେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ମୋବାଇଲ ମାୟାରେ ବାୟା। ସେମାନେ ମୋବାଇଲ ପ୍ରତି ଏତେ ଆସକ୍ତ ହୋଇପଡିଛନ୍ତି ଯେ, ମୋବାଇଏ ବିନା କ୍ଷଣେ ମାତ୍ର ଚଳିପାରନ୍ତି ନାହିଁ। ଏହା ସତ୍ୟ ଯେ, ମୋବାଇଲ ହେଉଛି ଏକ ମିନି କମ୍ପ୍ୟୁଟର। ଇଂଟରନେଟ ସହାୟତାରେ ମୋବାଇଲ କିଛି ସମୟ ମଧ୍ୟରେ ଯେକୌଣସି ତଥ୍ୟ, ଜ୍ଞାନ ହାସଲ କରିବାରେ ସହାୟକ ହୋଇଥାଏ। ଆଜିକାଲି ବିଭିନ୍ନ ସରକାରୀ ଯୋଜନାରେ ମଧ୍ୟ ମୋବାଇଲ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ମହାମାରୀ କୋରୋନା ସମୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ମୋବାଇଲ ବରଦାନ ପାଲଟିଥିଲା, ବୋଧହୁଏ ଏହାକୁ କେହି ଅସ୍ୱୀକାର କରିପାରିବେ। ମହାମାରୀ କୋରୋନା ପ୍ରଭାବରେ ଦୀର୍ଘ ବର୍ଷ ବର୍ଷ ଧରି ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ହୋଇଯାଇଥିବାବେଳେ ସ୍ମାର୍ଟଫୋନ୍ ଅନଲାଇନ ଶିକ୍ଷାଦାନ ଏକ ବରଦାନ ଥିଲା। ଘରେ ରହି ଅନଲାଇନରେ ସ୍ମାର୍ଟଫୋନ (ମୋବାଇଲ) ଦ୍ୱାରା ଛାତ୍ରଛାତ୍ରୀ ପାଠ ପଢିଥିଲେ। କିନ୍ତୁ ଏବେ କୋମଳମତି ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ସ୍ମାର୍ଟଫୋନ୍ ବା ଇଂଟରନେଟ ଯୁକ୍ତ ମୋ ତଥା ସୋସିଆଲ ମେଡିଆ ଏତେ ଆସକ୍ତି ବଢିଯାଇଛି ଯେ, ଏବେ ଚିନ୍ତାର କାରଣ ହୋଇଛି। ଏହା ସତ୍ୟ ଯେ ପ୍ରତ୍ୟେକ କ୍ରୀୟାର ବିପରୀତ ପ୍ରକ୍ରୀୟା ଥିବା ଭଳି ପ୍ରତ୍ୟେକ ବସ୍ତୁର ଉପକାରିତା ପରି ଅପକାରିତା ରହିଛି। ଯାହାକି ସ୍ମାର୍ଟଫୋନରେ ଏବେ କେବଳ ପରିଲିଖିତ ହେଉନାହିଁ, ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କଲାଣି। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯୁବପିଢି ବିପଥଗାମୀ ହୋଇଥିବାବେଳେ ସରକାରୀ କାର୍ଯ୍ୟବେଳେ ସାମାଜିକ ଉତ୍ସବ ବେଳେ ଏପରିକି ଜନଗହଳି ରାସ୍ତାରେ ଚାଲିଚାଲି ଯାଉଥିବାବେଳେ, ଗାଡି ଚଳାଇବା ସମୟରେ, ଖାଇବା ବେଳେ, ମୋବାଇଲ ଦେଖିବା ଦେଖାଯାଏ। ନିକଟରେ ଆମ ରାଜ୍ୟରେ ଲୋକଙ୍କ ଅଭିଯୋଗ ଶୁଣି ପ୍ରତିକାର ପାଇଁ ଏକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ବହୁ ଅଫିସର ଅଭିଯୋଗ ଶୁଣିବା ପରିବର୍ତ୍ତେ ନିଜ ନିଜ ମୋବାଇଲ ଦେଖିବାରେ ବ୍ୟସ୍ତ ଥିବା ରିପୋର୍ଟ ପ୍ରକାଶ ପାଇଛି। ଆଜିର ସମୟରେ ସ୍ମାର୍ଟଫୋନ କୋମଳମତି କିଶୋର କିଶୋରୀଙ୍କ ଠାରୁ ଆରମ୍ଭ କରି ଯୁବପିଢିଙ୍କୁ ବିପଥଗାମୀ କରିଛି। ଶିକ୍ଷା ପରିବର୍ତ୍ତେ ଅଶିକ୍ଷା ପ୍ରତି ସେମାନେ ପ୍ରବଳ ମାତ୍ରାରେ ଆସକ୍ତି ହୋଇପଡନ୍ତି। ଏହି ଆସକ୍ତି ସେମାନଙ୍କ ପାଇଁ ଦିନ ରାତି ସମାନ ହୋଇ ଗଲାଣି। ଯାହାକି ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱର ପ୍ରଭାବ ପକାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। କେବଳ ସ୍ୱାସ୍ଥ୍ୟ ନୁହେଁ, ସେମାନଙ୍କଠାରେ ଅପରାଧିକ ପ୍ରବୃତି, ଆତ୍ମହତ୍ୟା, ସାଇବର ଠକେଇ ଆଦି ବୃଦ୍ଧି ପାଇଛି। ଯାହାକି କେବଳ ଅଭିଭାବକଙ୍କ ପାଇଁ ନୁହେଁ, ସମଗ୍ର ସମାଜ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ନିରାକରଣ ପାଇଁ ୧୬ ବର୍ଷରୁ କମ ବୟସର ପିଲାଙ୍କ ଲାଗି ଫେସବୁକ, ଇନ୍‌ଷ୍ଟାଗ୍ରାମ୍, ଟିକ୍‌ଟିକ୍, ଏକ୍ସ ପରି ସାମାଜିକ ଗଣମାଧ୍ୟମର ବ୍ୟବହାରକୁ ନିଷିଦ୍ଧ କରିବାପାଇଁ ଅଷ୍ଟ୍ରେଲିଆ ସରକାର ଘୋଷଣା କରିଛନ୍ତି। ଆସନ୍ତା ସପ୍ତାହରେ ଅଷ୍ଟ୍ରେଲିଆ ସରକାର ପାର୍ଲିଆମେଂଟରେ ଆଇନ ପ୍ରଣୟନ କରିବାକୁ ପ୍ରସ୍ତାବ କରିଛନ୍ତି। ଯାହାକି କୋମଳମତି ପିଲାଙ୍କୁ ସାମାଜିକ ଗଣମାଧ୍ୟମର କ୍ଷତିକାରକ ଉପାଦାନରୁ ସୁରକ୍ଷିତ ରଖିପାରିବ ବୋଲି ଅଷ୍ଟ୍ରେଲିଆ ସରକାର ମନେକରନ୍ତି। ବିଶେଷ କରି ଯୌନ ଉଦ୍ଦିପକ, ଅଶ୍ଳିଳ ଦୃଶ୍ୟ, ସାଇବର ଠକେଇ, ବ୍ଲୁହେଲ, ପପଜି ଭଳି କ୍ଷତିକାରର ଶିକ୍ଷାରୁ ସୁରକ୍ଷିତ ରଖିପାରିବ। କହିବା ବାହୁଲ୍ୟ ଯେ, ପିଲାଙ୍କ ମସ୍ତିଷ୍କ ବିକଶିତ ହୋଇନଥିବାରୁ ଏହାର କବଳରେ ପଡି ପିଲା ବିପଦଗାମୀ ହୋଇଥାନ୍ତି। କିମ୍ବା ଆତ୍ମହତ୍ୟା ଭଳି ଚରମ ପଦକ୍ଷେପକୁ ଗ୍ରହଣ କରି ନେଇଥାନ୍ତି। ଏହା ନିସନ୍ଦେହ ଯେ, ଏଗୁଡିକର କବଳରେ ଥରେ ଯିଏ ପଡିଲା, ସେ ସେଥିରୁ ମୁକୁଳିପାରେ ନାହିଁ। ତେବେ ଅଷ୍ଟ୍ରେଲିଆ ସରକାରଙ୍କ ଏହି ନିଷେଦ୍ଧ ପ୍ରସ୍ତାବର ବାସ୍ତବ କାର୍ଯ୍ୟକାରିତା ଉପରେ ଏବେ କେବଳ ପ୍ରଶ୍ନବାଚୀ ସୃଷ୍ଟି କରିନାହିଁ, ଭାରତ ସମେତ ବିଶ୍ୱବ୍ୟାପୀ ଚର୍ଚ୍ଚା ସୃଷ୍ଟି କଲାଣି। ବୟସ ଚିହ୍ନଟ ଏବଂ ପାରିବାରିକ ନିୟନ୍ତ୍ରଣ ପଦକ୍ଷେପକୁ ଆଧାର କରି ବିଶ୍ୱର ବହୁ ରାଷ୍ଟ୍ର ପିଲାଙ୍କ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ବିଶ୍ୱର ବହୁ ରାଷ୍ଟ୍ର ଚିନ୍ତା କଲେଣି। ଅଷ୍ଟ୍ରେଲିଆ ସରକାର ବାୟୋମେଟ୍ରିକ ଓ ପିଲାଙ୍କ ପରିଚୟ ପତ୍ର ତନଖି ଆଧାରରେ ନିଷେଧାଦେଶ ଲାଗୁ କରିବାକୁ ଯୋଜନା କରିଥିବା ଜଣାଯାଏ। ସାଂପ୍ରତିକ ସମୟରେ ଏହା ଏକ ଜଟିଳ ବ୍ୟାପାର ବୋଲି କୁହାଯାଇପାରେ।

# ଅଧାକପାଳି

## ଡାକ୍ତର ଗୁରୁପଦ ମିଶ୍ର

ଉପଯୁକ୍ତ ଚିକିତ୍ସାରେ ରହି ଜୀବନ ଶୈଳୀକୁ ପରିବର୍ତ୍ତନ କରିଦେଲେ ଅଧାକପାଳି ଦୂରେଇଯାଏ । ଏକ ଅଧ୍ୟୟନ ଅନୁସାରେ ପୁରୁଷଙ୍କ ତୁଳନାରେ ନାରୀମାନଙ୍କ ଠାରେ ଅଧାକପାଳି ତିନିଗୁଣ ଅଧିକ ଦେଖାଯାଏ ।

ପ୍ରଥମାବସ୍ଥା : ଅଧାକପାଳି ମୁଣ୍ଡବ୍ୟଥାରୁ ହିଁ ଆରମ୍ଭ ହୁଏ । ଅଧାକପାଳି ହୋଇଥିଲେ ପ୍ରଥମେ ମୁଣ୍ଡ ତଳ ଭାଗକୁ ଅତି ଜୋରରେ ବିନ୍ଧା ହୁଏ ଓ କାନମୂଳ ଜୋରରେ ବିନ୍ଧେ । ମୁଣ୍ଡ ବିନ୍ଧିବା ସମୟରେ ଏହା ସେହି ସ୍ଥାନ ପରିବର୍ତ୍ତନ କରି ଅନ୍ୟ ସ୍ଥାନ ମଧ୍ୟ ବିନ୍ଧେ । ତା ପରେ ଭଲ ହୁଏ । କାର୍ଯ୍ୟରେ ଟିକେ ବ୍ୟତିକ୍ରମ ହେଲେ ପୁନଶ୍ଚ ସେ ବାହାରି ପଡ଼େ । ଅଧାକପାଳି ହେବାଦ୍ୱାରା ବାନ୍ତି ହେବା, ଚିଡ଼ିଚିଡ଼ି ଲାଗିବା, ଅଧିକ ଭୟ ଲାଗିବା ପରି ସମସ୍ୟାମାନ ଦେଖାଯାଏ ।

ତିନୋଟି ସୋପାନ : ତିନୋଟି ସୋପାନରେ ଅଧାକପାଳି ଦେଖାଯାଏ । ପ୍ରଥମେ ସାମାନ୍ୟ (ଫୋନୋଫୋବିୟା) ଅଧାକପାଳି ଦେଖାଯାଏ । ଏହି ସୋପାନରେ ବ୍ୟକ୍ତିର ଆଖି ଉପର ପତା ପାଖରେ ବିନ୍ଧା ଓ ଦରଜ ହୋଇଥାଏ । ଦ୍ୱିତୀୟ ସୋପାନ ପରାମଣ୍ଡଳ ଅଧାକପାଳି ବା କ୍ଲାସିକ ଅଧାକପାଳି । ଏହି ସୋପାନରେ ଆଖିକୁ ଝିଲ୍‌ମିଲ୍ ଦେଖାଯାଏ । ବିଭିନ୍ନ ବସ୍ତୁର ଆକାର ଦୁଇ ଦୁଇଟି ଦେଖାଯାଏ । ସୂର୍ଯ୍ୟଙ୍କ କିରଣ, ବିଭିନ୍ନ ପ୍ରକାର ରଙ୍ଗ ଓ ଆଲୋକ ମଧ୍ୟ ଝିଲମିଲ ଦେଖାଯାଏ । ତୃତୀୟ ସୋପାନକୁ ଜଟିଳ ଅଧାକପାଳି କୁହାଯାଏ । ଏହି ସୋପାନରେ ମସ୍ତିଷ୍କ ଠିକ୍ ଭାବରେ କାମ କରେ ନାହିଁ । ଯାହାଫଳରେ ପ୍ରବଳ ମୁଣ୍ଡ ଦରଜ ଓ ମୁଣ୍ଡବିନ୍ଧା ପରି ସମସ୍ୟାମାନ ଦେଖାଯାଏ । ଲକ୍ଷଣ : ୪୦ରୁ ୬୦ ପ୍ରତିଶତ ଅଧାକପାଳି ଚେତାବନୀ ଦେଇ ସାରିବା ପରେ ବିରାଟ ରୂପ ଧାରଣ କରେ । ଚେତାବନୀ ଅର୍ଥାତ୍ ଆଖିର ଉପର ପତାରେ ବାରମ୍ବାର ଦେଖାଦେବା ପରେ ଯାଇ ଏହା ବଡ଼ ଆକାରରେ ପରିଣତ ହୁଏ । ପ୍ରଥମରୁ ଏହା ନିମ୍ନଲିଖିତ ଭାବେ ଦେଖାଯାଏ । ଯଥା ନିଦ ନ ହେବା, ଚିଡ଼ିଚିଡ଼ାପଣ ପ୍ରକାଶ ପାଇବା, ଥକ୍କା ଲାଗିବା, ଚିନ୍ତାଶୀଳ ହୋଇ ପଡ଼ିବା ପରି ଅନୁଭବ କରିବା । ସେହିପରି ମିଠା ତେଲ ଓ ଲୁଣଯୁକ୍ତ ଖାଦ୍ୟ ଖାଇବାକୁ ଅହରହ ଇଚ୍ଛା ହେବା ଇତ୍ୟାଦି ଲକ୍ଷଣ । ବହୁତ ଦିନ ଆଗରୁ ଏହା ଦେଖାଯାଏ । କିନ୍ତୁ ବ୍ୟକ୍ତି ଜାଣିପାରେ ନାହିଁ ତାକୁ ଅଧାକପାଳି ଗ୍ରାସ କରିଛି । ଏହେବ ମନେ ରଖିବା ଉଚିତ ଏହା ଅଧାକପାଳି ଲକ୍ଷଣ । ସଙ୍ଗେ ସଙ୍ଗେ ଚିକିତ୍ସକଙ୍କ ପରାମର୍ଶ ନେଇ ଏଥିରୁ ମୁକ୍ତ ହୁଅନ୍ତୁ । ନଚେତ୍ ଏହାର ଭୟଙ୍କର ରୂପ ଦେଖିବାକୁ ମିଳିବ ।



ଆସନ୍ତୁ ସର୍ବପ୍ରଥମେ ଜାଣିବା କେଉଁ କେଉଁ କାରଣ ପାଇଁ ଅଧାକପାଳି ଦେଖାଯାଇଥାଏ ? ସେଗୁଡ଼ିକ ଭିତରୁ ପ୍ରମୁଖ ହେଉଛି ଅତ୍ୟଧିକ ଚିନ୍ତାଶୀଳ ରହିବା, ଲଗାତର ଅନେକ ଦିନ ଧରି ରାତିରେ ନ ଶୋଇବା, ଶରୀରରେ ହର୍ମୋନ୍ ପରିବର୍ତ୍ତନ, ଶାରୀରିକ ଥକ୍କା, ଭୟଙ୍କର ସ୍ୱପ୍ନ ଦେଖିବା ଦ୍ୱାରା, ଡ୍ରଗ୍ସ କିମ୍ବା ମଦ ପିଇବା ଦ୍ୱାରା, ଋତୁ ପରିବର୍ତ୍ତନ ହେବା ଦ୍ୱାରା, ଅତ୍ୟଧିକ କଫି ପିଇବା ଦ୍ୱାରା, ସିଗାରେଟ ଧୂଆଁ ନାକରେ ବାଜିଲେ ଅଧାକପାଳି ଦେଖାଯିବାର ଶତ ପ୍ରତିଶତ ଆଶଙ୍କା ରହିଛି ।

ଆସନ୍ତୁ ଏ ନେଇ ସତର୍କତା ସମ୍ପର୍କରେ କିଛି ଜାଣିବା। ଉଜ୍ଜ୍ୱଳ ଆଲୋକ ଓ ରଶ୍ମିଠାରୁ ଦୂରେଇ ରୁହନ୍ତୁ, ଅତ୍ୟଧିକ ଖରା କିମ୍ବା ଥଣ୍ଡାରେ ଘରୁ ବାହାରନ୍ତୁ ନାହିଁ, ରାଗ ମସଲାଯୁକ୍ତ ଖାଦ୍ୟ, ଆଚାର, ଡବାବନ୍ଦ ଖାଦ୍ୟ କିମ୍ବା ଛଣାଛଣି ଖାଦ୍ୟ ଖାଆନ୍ତୁ ନାହିଁ। ଅଧାକପାଳି ଦେଖାଦେବା ସମୟରେ : ଅଧାକପାଳି ଦେଖାଦେବା ସମୟରେ ନିମ୍ନମତେ କାର୍ଯ୍ୟ କରିବେ, ମୁହଁକୁ ଥଣ୍ଡଶ ପାଣିରେ ଧୋଇ ସାରିବା ପରେ ଘରକୁ ଅନ୍ଧାର କରି ବିଶ୍ରାମ ନିଅନ୍ତୁ, ପ୍ରାୟ ୭-୮ ଘଣ୍ଟା ପର୍ଯ୍ୟନ୍ତ ଗାଢ଼ ନିଦ୍ରାରେ ଶୁଅନ୍ତୁ, ଆଖି ଉପରେ ବେଶୀ ଚାପ ପକାଉଥିବା କାର୍ଯ୍ୟ କରନ୍ତୁ ନାହିଁ, ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ, କିଛି କିଛି ସମୟ ପରେ ଅଳ୍ପ ଅଳ୍ପ ଭୋଜନ କରନ୍ତୁ । ପେଟକୁ ଖାଲି ରଖନ୍ତୁ ନାହିଁ । ଏକାଥରକେ ପେଟେ ଖାଦ୍ୟ ଖୁଆନ୍ତୁ ନାହିଁ । ମନେ ରଖନ୍ତୁ ଅଧାକପାଳି ଏକ ବଡ଼ ଶାରୀରିକ ସମସ୍ୟା ବା ରୋଗ ନୁହେଁ। ଏହାକୁ ନେଇ ସେପରି ଭୟଭୀତ ହେବାର କୌଣସି କାରଣ ମଧ୍ୟ ନାହିଁ। ଆପଣଙ୍କ ଶାରୀରିକ ସମସ୍ୟା ଦେଖାଦେବା ମାତ୍ରେ ଆପଣ ତୁରନ୍ତ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନିଅନ୍ତୁ। ଅଭିଜ୍ଞ ଭେଷଜ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ଆପଣଙ୍କ ସାମାନ୍ୟ ସତର୍କତା, ସଚେତନତା ଆପଣଙ୍କୁ ନିଶ୍ଚିନ୍ତ ଭାବେ ଆରୋଗ୍ୟ କରିବ।

ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
E-mail :
gurupadamishra614@gmail.com

# ରାଜ୍ୟରେ ଛଅ ଗ୍ରାମ୍ୟ ନ୍ୟାୟାଳୟ

## ପୁଷ୍ପମିତ୍ର ମହାପାତ୍ର

ଲୋକଙ୍କ ଦୁଆରେ ନ୍ୟାୟ ପହଞ୍ଚିବ। ଲୋକଙ୍କୁ ଧାର୍ଯ୍ୟ ସମୟ ଭିତରେ ନ୍ୟାୟ ମିଳିବ। ଏହି ମର୍ମରେ ଓଡ଼ିଶାରେ ଆଉ ଛଅଟି ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠାକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳିଛି। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ରାଜ୍ୟର ୩୫୩ଟି ବ୍ଲକରେ ଗୋଟିଏ ଲେଖାଏଁ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରହିଛି ବୋଲି ନିକଟରେ ଆଇନ ମନ୍ତ୍ରୀ ଘୋଷଣା କରିଛନ୍ତି। ହଜାର ହଜାର ମାମଲା ବିଚାର ଅପେକ୍ଷାରେ ରହିଥିବା ବେଳେ ପାଣ୍ଠି ଅଭାବ ନ୍ୟାୟ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି। ଓଡ଼ିଶା ପାଇଁ ୨୪ଟି ଗ୍ରାମ ନ୍ୟାୟାଳୟ ଅନୁମୋଦନ ଲାଭ କରିଥିବା ବେଳେ ସେଥିରୁ ୨୧ଟି କାର୍ଯ୍ୟକ୍ଷମ ଅଛି। ସେଠାକୁ ୪୮୪୯୭ଟି ଫୌଜଦାରୀ ମାମଲା ଆସିଥିବା ବେଳେ ମାତ୍ର ୭୨୫ଟି ମାମଲାର ସମାଧାନ ହୋଇଛି ଏବଂ ୪୭୭୭୨ଟି ମାମଲା ବିଚାର ଅପେକ୍ଷାରେ ରହିଛି। ଅପରପକ୍ଷେ ଓଡ଼ିଶାର ଗ୍ରାମ୍ୟ ନ୍ୟାୟାଳୟକୁ ୧୧୦୬ଟି ସିଭିଲ ମାମଲା ଆସିଥିବା ବେଳେ ସେଥିରୁ ୨୧ଟି ଫଇସଲା ହୋଇଛି ଏବଂ ୧୦୮୫ଟି ମାମଲାର ଫଇସଲା ବାକି ଅଛି। ଗ୍ରାମ୍ୟ ନ୍ୟାୟାଳୟର ପରିଚାଳନା ନିମନ୍ତେ କେନ୍ଦ୍ର ସରକାର ଅଦ୍ୟାବଧି ୫ କୋଟି ୨୪ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ଯେତେବେଳେ ବି ସମୁଦାୟ ୧୨ଟି ରାଜ୍ୟରେ ଥିବା ଗ୍ରାମ୍ୟ ନ୍ୟାୟାଳୟ ପାଇଁ ୮୩ କୋଟି ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା କେନ୍ଦ୍ର ନ୍ୟାୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଉକ୍ତ ନ୍ୟାୟାଳୟଙ୍କ ପରାମର୍ଶ କ୍ରମେ ସମ୍ପୃକ୍ତ ରାଜ୍ୟ ସରକାର ଗ୍ରାମ୍ୟ ନ୍ୟାୟାଳ ପ୍ରତିଷ୍ଠା ଓ ପରିଚାଳନା କରିଥାନ୍ତି। ନ୍ୟାୟିକ ବ୍ୟବସ୍ଥାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଗ୍ରାମୀଣ ନ୍ୟାୟାଳୟ ଆଇନ ୨୦୦୮ କାର୍ଯ୍ୟକାରୀ କରିଛନ୍ତି। ସାମାଜିକ, ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଶାରୀରିକ ଅକ୍ଷମତା କାରଣରୁ କୌଣସି ନାଗରିକ ନ୍ୟାୟ ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୭ ସୁଦ୍ଧା ରାଜ୍ୟର ବିଭିନ୍ନ ପଞ୍ଚାୟତରେ ୧୬ଟି ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା କରାଯାଇଥିଲା ଏବଂ ପରେ ଆଉ ୫ଟି ପ୍ରତିଷ୍ଠା କରାଯାଇଛି। ଏହା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ମାମଲା ବିଚାର ଅପେକ୍ଷାରେ ପଡି ରହିଥିବା ଏହି ଯୋଜନାର ସଫଳତାର ଅନ୍ତରାୟ ସୃଷ୍ଟି କରୁଥିବା ମତ ପ୍ରକାଶ ପାଇଛି।

ଆଇନ ବିଶେଷଜ୍ଞଙ୍କ ମତରେ କେବଳ ନ୍ୟାୟାଳୟ ପ୍ରତିଷ୍ଠା କଲେ ଲୋକଙ୍କ ପାଖରେ ନ୍ୟାୟ ପହଞ୍ଚିବ ତାହା ସର୍ବଦା ଠିକ ମଧ୍ୟ ନୁହଁ। ଏ ମାମଲା ଗୁଡ଼ିକ ନ୍ୟାୟାଳୟର ଉପଯୁକ୍ତ ପରିଚାଳନା ହେବା ଆବଶ୍ୟକ। ଓଡ଼ିଶାରେ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା କରିବା ଦ୍ୱାରା ବ୍ୟାପକ ମାନବସମ୍ବଳର ଆବଶ୍ୟକତା ପଡ଼ିବ। ସେଗୁଡ଼ିକ ଠିକ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ ତାହାର ଅନୁଧ୍ୟାନ କରିବା ଜରୁରୀ। ଦୀର୍ଘ ଦିନ ଧରି ଏତେ ସଂଖ୍ୟକ ମାମଲା ପଡ଼ିରହିବା ଅର୍ଥ ନ୍ୟାୟ ବିଭାଗ ପକ୍ଷରୁ ଆବଶ୍ୟକ ତର୍ଜମା ଓ କାର୍ଯ୍ୟାନୁଷ୍ଠାନର ଅଭାବ। ଯେଉଁ ବିଭାଗ ପାଣ୍ଠି ଦେଉଛି ତାହା ଠିକ ଭାବେ ବିନିଯୋଗ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିବା ପ୍ରଥମ କାର୍ଯ୍ୟ। ଯଦି ନ୍ୟାୟ ବିଭାଗ ଉପଯୁକ୍ତ ପରିଚାଳନା ଏବଂ ନିରୀକ୍ଷଣ କରିଥାନ୍ତେ ତାହେଲେ ଆଜି ଗ୍ରାମ୍ୟ ନ୍ୟାୟାଳୟରେ ୯୦% ମାମଲା ପଡ଼ିରହିନଥାନ୍ତା। ତେଣୁ ନୂଆ ନ୍ୟାୟାଳୟ ପ୍ରତିଷ୍ଠା ସହିତ ପୁରୁଣା ନ୍ୟାୟାଳୟର ଉପଯୁକ୍ତ ପରିଚାଳନା ଆବଶ୍ୟକ ବୋଲି କୁହାଯାଇଛି। ଗ୍ରମ ନ୍ୟାୟାଳୟ ପ୍ରତିଷ୍ଠା କ୍ଷେତ୍ରରେ କେବଳ ପ୍ରଶାସନର ବା ସରକାରଙ୍କ ଦାୟିତ୍ୱ ରହିନାହିଁ। ଏ ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ଦିନକୁ ଦିନ ନ୍ୟାୟପାଳିକା ସଶକ୍ତ ଓ ନିର୍ଣ୍ଣୟକାରୀ ହେଉଥିବାବେଳେ ନ୍ୟାୟ ବ୍ୟବସ୍ଥା ପ୍ରତି ଅତୁଟ ବିଶ୍ୱାସ ଓ ଭରଷା ରଖିବା ତଥା ନ୍ୟାୟ ପ୍ରଦାନ କ୍ଷେତ୍ରରେ ତଥା ନ୍ୟାୟ ବ୍ୟବସ୍ଥାକୁ ସହଯୋଗ କରିବା ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୬୮୯
E-mail :
puspamitramohapatra18@gmail.com

# ନୂଆବର୍ଷ ହେଉ ଆନନ୍ଦର ବର୍ଷ

## ଡକ୍ଟର ତପନ କୁମାର ପାଳ

ଘରର କ୍ୟାଲେଣ୍ଡରଟି ହେଉ ବା ବ୍ୟବହାର କରାଯାଉଥିବା ଦୈନିକ ଡାଏରୀଟି ବଦଳିଯିବ । ଘରେ ନୂଆ କ୍ୟାଲେଣ୍ଡର ଲାଗିବ ଆଉ ନୂଆବର୍ଷ ପାଇଁ ମନଲାଖି ଡାଏରୀଟି ବି କିଣା ହେବ କିନ୍ତୁ ନୂଆବର୍ଷକୁ ନେଇ ଆମ ମାନଙ୍କ ଭିତରେ ଆତ୍ମପ୍ରତ୍ୟୟର ଶପଥ ନେବାର ମୁହୂର୍ତ୍ତକୁ କେହିବି ଭୁଲିବା କଥା ନୁହେଁ । ବିଦାୟ ଦେଇଥିବା ପୁରୁଣାବର୍ଷର ଦୁଃଖ, ଅଭାବ ଓ ବିଭିନ୍ନ ଯନ୍ତ୍ରଣାକୁ ଭୁଲି ନୂଆବର୍ଷ ପାଇଁ ଅନେକ କିଛି କରିବାର ଆଉ ଜୀବନକୁ ଭଲ ବାଟରେ ଗଢ଼ିତୋଳିବା ପାଇଁ ଦୃଢ଼ ପ୍ରତିଜ୍ଞ ହେବାର ବର୍ଷଟି ପାଇଁ ମନ ଭିତରେ ଆତ୍ମବଳକୁ ଦୃଢ଼ କରାଯାଉ । ଭୟାବହ ଫାଇଲିନ୍‌ର କାଳବୈଶାଖୀ ହେଉ ବା ନଈବଢ଼ିରେ ସବୁକିଛି ହରାଇ ହଜାଇ ଦେଇଥିବାର ଛାତିଫଟା ଦୁଃଖ, କୌଣସି ଅଘଟଣ ବା ଦୁର୍ଘଟଣ ଆପଣଙ୍କର ପ୍ରିୟଜନଙ୍କୁ ଛଡ଼ାଇ ନେଉ ବା ବୃତ୍ତିଗତ କ୍ଷେତ୍ରରେ କୌଣସି ଯନ୍ତ୍ରଣାର ମୁହୂର୍ତ୍ତ ସବୁକିଛିକୁ ଭୁଲି କିଛି ନୂଆ କରିବା ପାଇଁ ମନବଳକୁ ପ୍ରତିଜ୍ଞାବଦ୍ଧ କରିବାର ଦିନଟି ହେଉ ନୂଆବର୍ଷର ପ୍ରଥମ ଦିନ । ଅଭାବ ହେଉ ବା ଅପମାନ, ଯନ୍ତ୍ରଣା ହେଉ ବା ହରାଇବାର ଗଭୀର ଦୁଃଖ ସବୁକିଛିକୁ ମାନସିକ ବିଷାଦର କଳା ବାଦଲ ତଳୁ ଠେଲି ଦେଇ ମାନସିକ ସ୍ତରରେ ନିଜେ ସୁଦୃଢ଼ ହେବାସହ ଅନ୍ୟମାନଙ୍କୁ ମଧ୍ୟ ବିଷାଦରୁ ଆନନ୍ଦମୟ ମୁହୂର୍ତ୍ତ ପାଇଁ ପ୍ରେରଣା ଯୋଗାନ୍ତୁ । ରକ୍ତମାଂସର ଶରୀର ଧରି ତେଲଲୁଣ ସଂସାର ଭିତରେ ଜୀବନ ଜୀଉଁଥିବା ସମସ୍ତେ କିଛି ନା କିଛି ଅବସାଦ ଓ ବିଶାଦରେ ଆକ୍ରାନ୍ତ । ମୁଦ୍ରାସ୍ଫୀତିର ଉଚ୍ଚ ବେଲଗାମ ଧାଁ ଧଉଡ଼ ହେଉ ବା ବଜାରର ଦରଦାମର ଚଡ଼କ, ଦୁର୍ଘଟଣାରେ ନିଜଲୋକଟିକୁ ହରାଇବାର ଦୁଃଖ ହେଉ ବା ପରୀକ୍ଷାରେ ଅସଫଳତା, ଦାମ୍ପତ୍ୟ ଜୀବନରେ ଝଡ଼ ହେଉ ବା ହାତ ପାହାନ୍ତାରୁ ନିଜ ବୃତ୍ତିକ୍ଷେତ୍ରଟି ହରାଇବାର ଗଭୀର ଦୁଃଖକୁ ଭୁଲି ନିଜ ଭିତରୁ କିଛି କରିବାର ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବାର ଆତ୍ମ ପ୍ରଚେଷ୍ଟାର ଶୁଭବର୍ଷ ହେଉ ଏହି ନୂଆବର୍ଷଟି ।

ମାନସିକ କ୍ଷେତ୍ରରେ ଦେଖାଦେଇଥାଏ ପ୍ରତିଦିନ ଅହର୍ନିଷ ସମସ୍ୟା ଓ ଆହ୍ୱାନ ସମସ୍ତେ ନିଜ ଜୀବନ ଜୀବିକା ହେଉ ବା କ୍ୟାରିୟର, ଏହାକୁ ନେଇ ବ୍ୟସ୍ତ ଓ ଚିନ୍ତିତ । ଦୈନନ୍ଦିନ ଜୀବନରେ ବିଭିନ୍ନ ଉଦ୍‌ବେଗତା ମଣିଷର ବୌଦ୍ଧିକ ଓ ଶାରୀରିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ । ସେଇଥିପାଇଁ କୁହାଯାଏ ଯେ ଆନନ୍ଦ ଓ ପ୍ରଫୁଲ୍ଲତାପୂର୍ଣ୍ଣ ଜୀବନଟି ଅନେକଙ୍କ ଜୀବନର ଆୟୁକୁ ବର୍ଦ୍ଧିତ କରିଥାଏ । ଆୟୁ ବଢ଼ିବା ବଡ଼କଥା ନୁହେଁ ସବୁଠାରୁ ବଡ଼କଥା ହେଉଛି ଭଲରେ ଓ ଶାନ୍ତିରେ ଜୀବନଟି ବିତାଇବା । ଆଉ ଦିନ କେଇଟା ପରେ ଅତିକ୍ରାନ୍ତ ହେବ ବିଦାୟୀ ବର୍ଷ ୨୦୨୪ ଏହା ସହ ଆରମ୍ଭ ହେବ ନୂତନ ବର୍ଷ। ନୂତନ ଆଶା, ଆକାଂକ୍ଷା ଓ ନୂତନ ଉଚ୍ଛ୍ୱାସରେ ୨୦୨୫କୁ ସ୍ୱାଗତ କରିବା ଭିତରେ ଆମେ ଯେମିତି ବିଗତ ବର୍ଷରେ ଯେଉଁସବୁ ଭୁଲ ତ୍ରୁଟି କରିଥିଲେ ତାହାର ପୁନରାବୃତ୍ତି ନକରୁ। ପୁଣି ଯାହା ଶିକ୍ଷା ଲାଭ କରିଲେ, ତାହାର ଉପଯୋଗ କରୁ। ସମୟର ଏହି ସନ୍ଧିକ୍ଷଣରେ ଘଟଣାବହୁଳ ୨୦୨୪ ବର୍ଷରୁ ଆମକୁ ମିଳିଥିବା ଶିକ୍ଷାକୁ ଅବଶ୍ୟ ଆମେ ସ୍ମୃତିରେ ସଜାଗ କରି ଆଗକୁ ବଢ଼ିବା ଆବଶ୍ୟକ। ବିଦାୟ ବର୍ଷରେ ନିଜ ନିଜର ଦୁଃଖ ଓ କଷ୍ଟକୁ ଭୁଲି କିଛି ଭଲ କରିବାର ଓ ଅନ୍ୟମାନଙ୍କ ପାଇଁ ଆଦର୍ଶଣୀୟ ହେବାର ବର୍ଷଟି ପାଇଁ ଶପଥ ନେବାର ଦିନଟି ହେଉ ଏହି ନୂଆବର୍ଷ । ନୂଆବର୍ଷଟି ସମସ୍ତଙ୍କ ପାଇଁ ଆନନ୍ଦ ଓ ଖୁସିର ବର୍ଷ ହେଉ ଏହା ହିଁ ଶୁଭକାମନା । ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ଆର୍ଥିକ ଉଦାରୀକରଣର ବାସ୍ତୁକାର : ମନମୋହନ ସିଂହ

## ବିପିନ ବିହାରୀ ରାଉତ

'ହଜାରୋ ଜବାବୋଁ ସେ ଅଚ୍ଛୀ ମେରି ଖାମୋସି..'। ୨୦୧୨ ଅଗଷ୍ଟ ୨୭ରେ ସଂସଦ ପରିସରରେ ଏହି ଶାୟରୀ ପଢ଼ିଥିଲେ ଡ.ମନମୋହନ ସିଂହ। କେବଳ ରାଜନେତା କିମ୍ବା ଅର୍ଥଶାସ୍ତ୍ରୀ ନୁହଁନ୍ତି, ଶାୟରୀ ଉର୍ଦ୍ଦୁ କବିତାରେ ବି ବେଶ ରୁଚି ଥିଲା ତାଙ୍କର। ସଂସଦରେ ବିତର୍କ ବେଳେ ତାଙ୍କୁ ଶାୟର ଅନ୍ଦାଜରେ ଉତ୍ତର ରଖୁଥିବା ଦେଖାଯାଇଥିଲା। ୨୦୧୧ ମାର୍ଚ୍ଚ ୨୩ରେ ଲୋକସଭାରେ ନୋଟ ବଦଳରେ ଭୋଟ ବିଷୟ ଉପରେ ଚର୍ଚ୍ଚା ହେଉଥିବାବେଳେ ବିରୋଧୀ ନେତା ସୁଷମା ସ୍ୱରାଜ ତାଙ୍କୁ କଟାକ୍ଷ କରି କହିଥିଲେ, 'ତୁ ଇଧର ଉଧର କି ବାତ ନା କର, ୟେ ବତା କେ କାରବାଁ କ୍ୟୁଁ ଲୁଟା; ମୁଝେ ରହଜନୋ ସେ ଗିଲା ନେହିଁ, ତେରି ରହବରି କା ସବାଲ ହୈ।' ମନମୋହନ କହିଥିଲେ, 'ମାନା କେ ତେରି ଦିଦ୍ କେ କାବିଲ ନହିଁ ମେ, ତୁ ମେରା ଶୋକ ତୋ ଦେଖ, ମେରା ଇନ୍ତଜାର ତୋ ଦେଖ।' ୨୦୧୨ ଅଗଷ୍ଟ ୨୭ ରେ ସଂସଦ ଅଧିବେଶନ ଚାଲୁଥିବାବେଳେ ମନମୋହନ ସରକାର ବିରୋଧରେ କୋଇଲା ବ୍ଲକ ଆବଣ୍ଟନରେ ଦୁର୍ନୀତି ଅଭିଯୋଗ ଆସିଥିଲା। ହେଲେ ଅଭିଯୋଗ ତଥ୍ୟ ଆଧାରିତ ନୁହେଁ ବୋଲି ମନମୋହନ ସଂସଦରେ କହିବା ପରେ ବାହାରେ ସାମ୍ବାଦିକଙ୍କୁ ଉତ୍ତର ରଖି କହିଥିଲେ, 'ହଜାରୋଁ ଜବାବୋଁ ସେ ଆଚ୍ଛା ମେରି ଖାମୋସି, ଜୋ କଇ ସବାଲୋ କି ଆବରୁ ଢ଼କ ଲେତି ହୈ।' ୨୦୧୩ରେ ସଂସଦରେ ସୁଷମାଙ୍କୁ ମନମୋହନ କହିଥିଲେ, 'ହମେ ଉନସେ ହୈ ୱଫୀ କି ଉମିଦେ, ଜୋ ନେହିଁ ଜାନତେ ୱଫୀ କ୍ୟା ହୈ।' ଜବାବରେ ସୁଷମା କହିଥିଲେ 'କୁଛ ତୋ ମଜବୁରିୟାଁ ରହିହୋଗ, ୟୁଁ ହିଁ କୋଇ ବେୱଫୀ ନେହି ହୋତା।'

ସୌମ୍ୟ, ଶାନ୍ତ, ସରଳ ସ୍ୱଭାବର ସ୍ୱର୍ଗତଃ ମନମୋହନ ସିଂହ ବିଶ୍ୱର କେବଳ ଜଣେ ରାଜନେତା ଭାବେ ନୁହେଁ ବରଂ ଦୂରଦର୍ଶୀ, ଅସାଧାରଣ ଓ ଦୂରଦୃଷ୍ଟି ସମ୍ପନ୍ନ ଅର୍ଥଶାସ୍ତ୍ରୀ ଥିଲେ। ଆତ୍ମବିଶ୍ୱାସର ସହ ପରିବର୍ତ୍ତନର ଆହ୍ୱାନକୁ ସାମ୍ନା କରିବାରେ ସଫଳ ହୋଇଥିବା ଏଡି ମହାନ ବ୍ୟକ୍ତିଙ୍କ



ଛବି ଇତିହାସର ଫର୍ଦ୍ଦରେ ସର୍ବଦା ଅମଳୀନ ହୋଇ ରହିବେ। ୧୯୯୧ରେ ସେ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ସମୟରେ ଦେଶର ଆର୍ଥିକ ସ୍ଥିତି ଭଲ ନଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ କରିବା ପାଇଁ ଭାରତ ନିକଟରେ ଯଥେଷ୍ଟ ବୈଦେଶିକ ମୁଦ୍ରା ନଥିଲା। ଏ ସମୟରେ କାର୍ଯ୍ୟ କରିଥିଲେ ମନମୋହନଙ୍କ ମାଷ୍ଟର ଷ୍ଟ୍ରୋକ। କେବଳ ସେତିକି ନୁହଁ ମନମୋହନ ସିଂ ବଜେଟରେ କମ୍ପାନୀ ଟିକସ ହାରକୁ ୫% ବଢ଼ାଇ ୪୫% କଲେ ଏବଂ ବ୍ୟାଙ୍କ ଜମା ଭଳି କିଛି ବିତ୍ତୀୟ ଟ୍ରାଞ୍ଜାକ୍ସନ ପାଇଁ ଟାକ୍ସ ଡିଡକ୍ଟେଡ ଆଟ ସୋର୍ସ (ଟିଡିଏସ)ର କନସେପ୍ଟ ଆଣିଲେ। ରନ୍ଧନ ଗ୍ୟାସ ସିଲିଣ୍ଡର, ସାର ଏବଂ ପେଟ୍ରୋଲ ଦର ବଢ଼ାଇଲେ ଏବଂ ଚିନି ଉପରେ ସବସିଡି ହଟାଇ ଦେଲେ। ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂହ ୨-ଷ୍ଟେଜ ଡିଭ୍ୟାଲ୍ୟୁଏସନ କରିବାକୁ ଚାହୁଁଥିଲେ ଏବଂ ଏହାକୁ କରାଗଲା। ଏହାର ଫାଇଦା ମିଳିଲା ଏବଂ ଅନ୍ତର୍ଜାତୀୟ ବଜାର ସହିତ ବ୍ୟାପାର ତ୍ୱରାନ୍ୱିତ ହେଲା। ଏହା ସହିତ ରପ୍ତାନି ଉପରେ ଆଇନ ଏବଂ ଲାଇସେନ୍ସିଂ କଣ୍ଟ୍ରୋଲକୁ ସହଜ କରାଗଲା। ଏସବୁ ସୁଧାର ଶିଳ୍ପକୁ ଲାଇସେନ୍ସିଂ ଏବଂ ଇନସ୍ପେକ୍ଟରରାଜରୁ ମୁକ୍ତ କଲା। ନିବେଶକୁ ପ୍ରୋତ୍ସାହନ ଦେବା ଏବଂ ଶିଳ୍ପ ଗୁଡ଼ିକର ପ୍ରତିସ୍ପର୍ଦ୍ଧା ବଢ଼ାଇବା ପାଇଁ ପଦକ୍ଷେପ ନିଆଗଲା। ୧୮ ସମ୍ବେଦନଶୀଳ ଶିଳ୍ପକୁ ଛାଡ଼ି ସମସ୍ତ ଶିଳ୍ପରେ ଇଣ୍ଡଷ୍ଟ୍ରିଆଲ ଲାଇସେନ୍ସିଂକୁ ସମାପ୍ତ କରାଗଲା।

ଅର୍ଥନୀତିରେ ରାଷ୍ଟ୍ରାୟତ୍ତ କ୍ଷେତ୍ର ଯେପରି ବଡ଼ ଯୋଗଦାନ ଦେବ ସେଥିପାଇଁ ଅନେକ ପରିଚାଳନାଗତ ସ୍ୱାଧୀନତା ଦିଆଗଲା। ଅର୍ଥ ବ୍ୟବସ୍ଥାକୁ ନିୟନ୍ତ୍ରଣମୁକ୍ତ କରିବା ଏହାର ଲକ୍ଷ୍ୟ ଥିଲା। ୧୯୯୧ର ସୁଧାର ଗୁଡ଼ିକ ବିଦେଶ ନିବେଶ ଉଦାରୀକରଣ କଲା ଏବଂ ଇଣ୍ଡସଇଣ୍ଡ ବ୍ୟାଙ୍କ, ଏକ୍ସିସବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏଚଡ଼ିଏଫସି ବ୍ୟାଙ୍କ ସହିତ ଘରୋଇ କ୍ଷେତ୍ରର ବ୍ୟାଙ୍କ ଗୁଡ଼ିକ ପାଇଁ ରାସ୍ତା ଖୋଲିଲା। ଏହି ସୁଧାରଗୁଡ଼ିକ ଯୋଗୁ ଅନେକ ଅନ୍ତରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତ ଆସିପାରିଲେ। ମ୍ୟାକଡୋନାଲ୍ଡସ ଏବଂ କେଏଫସି ଭଳି ଖାଦ୍ୟ କମ୍ପାନୀ ଆସିବା ଦ୍ୱାରା ଭାରତରେ ବ୍ୟୟ ପାଟର୍ଣ୍ଣ ବଦଳିଲା। ଅର୍ଥନୀତି ସବଳ ହୋଇଚାଲିଲା।

୧୯୯୧ ପରେ ୨୦୦୮ରେ ଭାରତକୁ ପୁଣି ଥରେ ଆର୍ଥିକ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡ଼ିଲା। ଭାରତୀୟ ସେୟାର ବଜାର ଧରାସାୟୀ ହୋଇଗଲା। କିନ୍ତୁ ମନମୋହନ ସିଂହ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକ ଦ୍ୱାରା ୨୦୦୯ରୁ ୨୦୧୪ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥା ହାରାହାରି ୬.୭% ହାରରେ ବଢ଼ିଲା।

ମନମୋହନ ସିଂହ ଅର୍ଥମନ୍ତ୍ରୀ ଥିବା ସମୟରେ ଆଣିଥିବା ସଂସ୍କାର ଦେଶର ଅର୍ଥ ବ୍ୟବସ୍ଥା ପାଇଁ ବରଦାନ ସାବ୍ୟସ୍ତ ହୋଇଛି ଏବଂ ବିଶ୍ୱ ସ୍ତରରେ ଭାରତ ଏକ ବ୍ରାଣ୍ଡ ଭାବେ ସ୍ଥାପିତ ହୋଇଛି। ବିଶ୍ୱର ବଡ଼ ବଡ଼ ଅନ୍ତର୍ଜାତୀୟ ବିତ୍ତୀୟ ପ୍ରତିଷ୍ଠାନ ଆଜି ଭାରତର ଆର୍ଥିକ ବିକାଶ ହାରକୁ ନେଇ ସକାରାତ୍ମକ ଅନୁମାନ କରୁଛନ୍ତି। ଭାରତ ଆଗାମୀ କିଛି ବର୍ଷରେ ବିଶ୍ୱର ତୃତୀୟ ବୃହତ ଅର୍ଥ ବ୍ୟବସ୍ଥା ପାଲଟିବ ବୋଲି ପୂର୍ବାନୁମାନ କରାଯାଉଛି। ଏସବୁ ପଛରେ ଯିଏ ପୁରୋଧା ରହିଛନ୍ତି ସେ ହେଲେ ମନମୋହନ। ଡକ୍ଟର ମନମୋହନ ସିଂହ ସେହି ଭାରତର ନିର୍ମାଣ କରିଥିଲେ ଯାହାକୁ ଆଜି ଆମେ ଦେଖୁଛେ ଦଶନ୍ଧି ଧରି ଉଗ୍ରବାଦ, ଦଙ୍ଗା, ହତ୍ୟା ଭଳି ସ୍ଥିତିର ସମ୍ମୁଖୀନ ହୋଇ ବେଶ ସମ୍ବେଦନଶୀଳ ସମୟ ଦେଇ ଦେଶ ଗତି କରୁଥିବାବେଳେ ଡକ୍ଟର ସିଂହ ଦେଶ ପାଇଁ ସଶକ୍ତ ଅର୍ଥନୀତିର ଦ୍ୱାର ଖୋଲିଥିଲେ। ତାଙ୍କୁ ଏକ ଦଶନ୍ଧି ଧରି ସାଇଲେଣ୍ଟ ଥେରାପି ଦେଇଥିବା ପ୍ରଥମ ଶିଖ ପ୍ରଧାନମନ୍ତ୍ରୀ ଯିଏ କି ଭାରତର ସର୍ବୋତ୍ତମ ବିକାଶ କରି ଯାବତୀୟ ସୁଧାର ଆଣିଥିଲେ, ଯାହାକୁ ଦେଶ ଅନନ୍ତ କାଳ ପର୍ଯ୍ୟନ୍ତ ମନେରଖିବ। ତାଙ୍କ ଯୋଗଦାନ ଆଗାମୀ ପିଢ଼ିକୁ ପ୍ରେରିତ କରିବ ଏବଂ ସେ ଭାରତ ପାଇଁ ନୂଆ ଯୁଗର କେବଳ ଆରମ୍ଭ କରିନଥିଲେ ବରଂ ଭାରତର ଆର୍ଥିକ ଉଦାରୀକରଣର ବାସ୍ତୁକାର ଥିଲେ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,
E-mail :
bipinrout@rediffmail.com

## ଅସ୍ତରଙ୍ଗ ସମାଜସେବୀ ଙ୍କୁ ଭାରତୀୟ ସେବାରତ୍ନ ଆୱାର୍ଡ



ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ର ବିଶିଷ୍ଟ ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡାଙ୍କୁ ଆମ୍ବେଦକର ଇନ୍ଟରନ୍ୟାସନାଲ ସେଣ୍ଟର ,ଭୁବନେଶ୍ୱର ପକ୍ଷରୁ ଭାରତୀୟ ସେବା ରତ୍ନ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ଆୱାର୍ଡ ପ୍ରତ୍ୟକବର୍ଷ ବିଭିଉ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଙ୍କୁ ଆମ୍ବେଦକର ଇନ୍ଟରନ୍ୟାସନାଲ ସେଣ୍ଟର ପ୍ରଦାନ କରି ଆସୁଛି ପ୍ରତାପ ଚନ୍ଦ୍ର ପରିଡା ଜଣେ ବ୍ୟବସାୟୀ, ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ର ମୁଖ୍ୟ ଉପଦେଷ୍ଟା ଏବଂ ସମାଜ କଲ୍ୟାଣକାରୀ ହୋଇଥାଇ ମଧ ସେ ବିଭିଉ ସମୟରେ ଦୁସ୍ତ ,ଅସହାୟ ଲୋକମାନଙ୍କୁ ସବୁବେଳେ ସାହାଯ୍ୟ ର ହାତ ବଢାଇଥାନ୍ତି ଅସ୍ତରଙ୍ଗ ଅଞ୍ଚଳର ତାଳଦା ଭଳି ଏକ ଦିପାଞ୍ଚଳରେ ଜନ୍ମଗ୍ରହଣ କରି ନିଜର ଅଧାବସାୟ ଏବଂ ନିଷ୍ଠାପରକର୍ମ ବଳରେ ଆଜି ଜଣେ ସଫଳ ନାଗରିକ ହୋଇଛନ୍ତି। ନିଜର କର୍ମମୟ ଜୀବନରୁ ସମୟ ବାହାର କରି ସେ ସମାଜସେବା କୁ ବ୍ରତ କରି ଚାଲିଛନ୍ତି। ଅନେକ ସମୟରେ ସାମାଜିକ କାର୍ଯ୍ୟ ରେ ନିଜକୁ ନିୟୋଜିତ କରି ବୃକ୍ଷରୋପଣ ,ପର୍ଯ୍ୟାବରଣ ଉପରେ କାର୍ଯ୍ୟ କରି ଆସିଛନ୍ତି ପ୍ରତାପ ଚନ୍ଦ୍ର ପରିଡାୟ ସବୁଠୁ ନିଆରା ଗୁଣ ତାଙ୍କର ସେ ଜଣେ ଉଚ୍ଚକୋଟିର ବ୍ୟବସାୟୀ ହୋଇକି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସଭିଙ୍କୁ ନିଜର କରି ସମାଜ ର ଭିଉ ଭିଉ କଲ୍ୟାଣ ମୂଳକ କାର୍ଯ୍ୟ ରେ ସାହାଯ୍ୟ ର ହାତ ବଢ଼ାନ୍ତି, ଜଣେ ଆଧାତ୍ମିକ ସମ୍ପଉ ବ୍ୟକ୍ତି ମଧ,ତାଙ୍କର ଏତାଦୃଶ୍ୟ ସମାଜସେବା ପାଇଁ ତାଙ୍କୁ ଏହି ଆୱାର୍ଡ ପ୍ରଦାନ କରାଯାଇଥିବାରୁ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ତାଙ୍କ ବାସଭାବନ ରେ ପହଁଞ୍ଚି ପୁଷ୍ପ ଗୁଚ୍ଛ ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଛନ୍ତି ।

### ହିନ୍ଦୋଳ ତହସିଲଦାର ଓ ବାଲିମୀ ପୋଲିସର ମିଳିତ ଚଢ଼ାଉ

## ମାଙ୍କଡା ପଥର ବୋଝେଇ ୫ଟ୍ରକ୍ ଜବତ,୫ଗିରଫ




ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ତହସିଲଦାର ଓ ବାଲିମି ପୋଲିସ ମିଳିତ ଚଡାଉ ପାଇଁ ଥରହର ପଥର ମାଫିଆୟ ଖବରରୁ ପ୍ରକାଶ ହିନ୍ଦୋଳ ତହସିଲଦାର ଦିଲୀପ ସେଠି ଓ ବାଲିମି ଥାନାଧିକାରୀ ଅମିତ ବିଶ୍ୱାଳ ବିଶେଷ ସୂତ୍ରରୁ ଖବର ପାଇ ଆଜି ଭୋରରୁ ଖଜୁରିଆକଟା ଅ□ଳରେ ସଦଳେବେଳେ ଚଢ଼ାଉ କରି ୫ଟି ବେଆଇନ ମାଙ୍କଡାପଥର ବୋଝେଇ ଟ୍ରକ ଜବତ କରିବାସହ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଡ୍ରାଇଭର ଓ ସେମାନେ ଚଳାଉଥିବା ଜବତ ଟ୍ରକ ଗୁଡିକ ହେଲା ରାସୋଳ ଥାନା ଜାମ୍ବୁଚକଡାର ମିଳନ ନାଏକ ଟ୍ରକ ନଂ ଡଜ୨୩ଇ୧୬୯୦,ରାସୋଳ ଥାନା ଗୁଆଘରିଆ ର ବ୍ରହ୍ମକ୍ଷନନ୍ଦ ବିଶ୍ୱାଳ ଟ୍ରକ ନଂ ଡଜ୦୯ରା୮୧୦୯,ରାସୋଳଥାନା ବ୍ରହ୍ମପୁର ର ରଞ୍ଜନ ସାହୁ ଟ୍ରକ ନଂ ଡଜ୦୪ର୧୯୭୪,ରାସୋଳ ଥାନା ବମ୍ପା ର ରାଘବ ସାମଲ ଟ୍ରକ ନଂ ଡଜ୪ଉ୮୮୩୪,ରାସୋଳ ଥାନା ଠେଙ୍ଗା ର ବିଧୁ ମହାଳିକ ଟ୍ରକ ନଂ ଡଜ୦୨ଇଇ୨୨୧୫ ।ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଗିରଫ ଆସାମୀ ମାନଙ୍କୁ ବାଲିମି ଥାନା ପୋଲିସ କେଶ ନଂ ୩୦୩(୨), ୩୧୭(୨), ୩(୫) ଇଘଝ ସେକ୍ସନ ୫୧,ଡଗଗ(୨୦୧୬)/ ୨-୨୦୨୫ରେ ମାମଲା ରୁଜୁ କରି ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରିବା ସହ କାର୍ଯ୍ୟର□ ୨୧ଜଣ ଶ୍ରମିକଙ୍କୁ ୪୧ରେ ଥାନାରୁ ଜାମିନରେ ଛାଡିଛନ୍ତି। ତେବେ ହିନ୍ଦୋଳ ତହସିଲଦାର ଙ୍କ ଏହିଭଳି ଅତର୍କିତ ଚଡାଉ କରି ବେଆଇନ ଖଣି ସହ ଖଣିଜ ପଦାର୍ଥ ଜବତ ପାଇଁ ଖଣି ମାଫିଆ ମହଲରେ କୋକୁଆ ଭୟ ସୃଷ୍ଟି କରିଥିବା ବେଳେ ହିନ୍ଦୋଳ ଜନସାଧାରଣ ତହସିଲଦାରଙ୍କ ଉଚିତ ପଦକ୍ଷେପ ପାଇଁ ଉଚ୍ଚ ପ୍ରଶଂସା କରିଛନ୍ତି।

## ନବରଙ୍ଗପୁର ଠାରେ ସଡ଼କ ସୁରକ୍ଷା ସପ୍ତାହ ସଚେତନତା ରଥ ର ଶୁଭାରମ୍ଭ ଓ ଶୋଭାଯାତ୍ରା




ନବରଙ୍ଗପୁର (ମହାଭାରତ): ଆଜି ଦିବା୧୦.୩୦ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା ସଚେତନ ରଥ ଓ ଶୋଭାଯାତ୍ରା କୁ ଜିଲ୍ଲାପାଳ ତଥା ଅଧକ୍ଷ ଜିଲ୍ଲା ସଡକ ସୁରକ୍ଷା କମିଟି , ନବରଙ୍ଗପୁର ଡ଼ା ଶୁଭଂକର ମହାପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।ଏହି ରଥ ଜିଲ୍ଲାର ସମସ୍ତ ଜନସଧାରଣଙ୍କୁ ସଡକ ସୁରକ୍ଷା ସଚେତନତାର ବାର୍ତ୍ତା ପ୍ରେରଣ କରିବାସହ ଦୁର୍ଘଟନା ହାର କୁ କମାଇବାରେ ସାହାଯ୍ୟ କରିବ ।ଏହି ଅବସର ରେ ଏକ ଶୋଭାଯାତ୍ରାରେ ଆର୍ ସି ଡି ହାଇସ୍କୁଲ ଛାତ୍ର ଛାତ୍ରୀ ଙ୍କ ସହ ବାଙ୍ଗାଲୋର ଆର୍ ଟି ଓ,ଏମ ଭି ଆଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଡି ଆଇ ପି ଆର୍ ଓ, ଡି ଡବ୍ଲୁ ଓ,ପୋଲିସ ଓ ପରିବହନ ବିଭାଗ ର ଅଧିକାରୀ, ସହରର ବୁଦ୍ଧିଜୀବୀ ସାମିଲ ହୋଇ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ପ୍ରସାର କରିଥିଲେ। ଏହି ଏଲ ଇ ଡି ଟିଭି ଯୁକ୍ତ ସଡକ ସୁରକ୍ଷା ସଚେତନ ରଥ ଆସନ୍ତା ୭.୧.୨୦୨୫ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ ଓ ମୁଖ୍ୟ ଗ୍ରାମ ଗୁଡିକୁ ଗସ୍ତ କରି ଜିଲ୍ଲା ର ସମସ୍ତ ନାଗରିକ ମାନଙ୍କ ମଧରେ ସଡକ ସୁରକ୍ଷା ଓ ପରିବାର ରକ୍ଷା ର ବାର୍ତ୍ତା କୁ ଗୁରୁ ପ୍ରଦାନ କରି ଜିଲ୍ଲାରେ ଘଟୁଥିବା ସଡକ ଦୁର୍ଘଟଣା ରୋକିବା ପାଇଁ ଏହା ବେଶ ସହାୟକ ହେବ । ଆ□ଳିକ ପରିବହନ ଅଧିକାରୀ ଜୀତେନ୍ଦ୍ର ଭୋଇଙ୍କ ତ□ାବଧାନରେ ଏହି ସମୟରେ ଜିଲ୍ଲାରେ ଗାଡ଼ି ଯାଞ୍ଚ କଡ଼ାକଡ଼ି କରାଯିବା ସହ ବିଶେଷ କରି ହେଲମେଟ ଓ ସିଟବେଲ୍ଟ ବାଧତାମୂଳକ ବ୍ୟବହାର, ଦ୍ରୁତ ଗତିରେ , ବିନା ଲାଇସେନ୍ସ ରେ,ମୋବାଇଲ ବ୍ୟବହାର ସହ ଗାଡି ଚାଳନା,କମ୍ ବୟସ୍କ ଗାଡ଼ି ଚାଳକଙ୍କୁ ଫାଇନ୍, ଭାରି ଯାନ ଗାଡ଼ି ଚାଳକ ଙ୍କ ଚକ୍ଷୁ ପରୀକ୍ଷା କୁ ଗୁରୁତ୍ବ ଦିଆଯିବ।

## ନବମ ତମ ଭଗବାନ ଦୁରିଆ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଖଡ଼ିଆଳ:(ମହାଭାରତ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ା ବୈଦେହି ସାଗର ଖେଳ ପଡିଆ ଠାରେ ନବମ ତମ ଭଗବାନ ଦୁରିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ□ ଉଦଯାପିତ ହୋଇଯାଇଛି । ଗତ ୨୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେ□ ରେ ଆଖପାଖ ଅଞ୍ଚଳ ର ୧୬ ଗୋଟି ଦଳ ଯୋଗଦେଇଥିବା ବେଳେ, ଆଜିର ଫାଇନାଲ ମ୍ୟାଚ୍ ରେ ବେନ୍ଦ୍ରାବାହାଲ ଓ ଗାନ୍ଧୀନଗର ମଧ ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବେନ୍ଦ୍ରାବାହାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ନଅ ୱିକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲେ । ଜବାବ ରେ ଗାନ୍ଧୀ ନଗର ଦଳ ମାତ୍ର ୧୧ ଓଭର ରେ ତିନି ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ମ୍ୟାଚ୍ ଶେଷ ରେ ଆୟୋଜିତ ସାଂସ୍କୃତିକ ସଭା ରେ ଟୁର୍ଣ୍ଣାମେ□ ଆବାହକ କ୍ଷେତ୍ରମୋହନ ଦୁରିଆ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଉପ-ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି, ବରିଷ୍ଠ କଂଗ୍ରେସ ନେତା ପ୍ରବୀଣ ପଟ୍ଟନାୟକ, ନୂଆପଡ଼ା ଗୋଷ୍ଠୀ ଶିକ୍ଷାଅଧିକାରୀ ହେମସାଗର ମହାନନ୍ଦ, କଳିଙ୍ଗ ଟିଭି ଜିଲ୍ଲା ପ୍ରତିନିଧି କୁନୁ କରୁଆଁ, ଚିନ୍ଦାଗୁଡ଼ା ସରପ□ ଜେମାମଣି ରଣା, ଶିକ୍ଷାବିତ ଶରତ ପଣ୍ଡା, ହେମନ୍ତ ମାଝୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବି୍ ଡ଼ାଃ ଶିବ ପ୍ରସାଦ ବେହେରା ଯୋଗଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା ବିଜେତା ଓ ଉପ ବିଜେତା ଦଳ କୁ ଆର୍ଥିକ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ତା ସହ କ୍ରିକେଟ ଖେଳ ରେ ବିଭିଉ ବିଭାଗ ର ଖେଳାଳି ଙ୍କୁ ମଧ ପୁରସ୍କୃତ କରା ଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ରେ ପ୍ରଶାନ୍ତ ସାଗର ମ୍ୟାନ ଅଫ ଦି ଫାଇନାଲ ହୋଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଭାବରେ ନିରୁ ପୁରସ୍କୃତ ହୋଇଥିଲେ । ଶେଷ ରେ ଗାଁ ର ଶତାଧିକ ନିସହାୟ ବୃଦ୍ଧବୃଦ୍ଧା ଙ୍କୁ ଶୀତ ବସ୍ତ୍ର ବ□ନ କରାଯାଇଥିଲା ଯ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରେ ସ୍ଥାନୀୟ କଣ୍ଠଶିଳ୍ପୀ ଯୌତିକା ବିଶି ତାଙ୍କ ସୁମଧୁର ଗୀତ ମାଧମ ରେ ଦର୍ଶକ ଙ୍କୁ ମତୁଆଲା କରିଥିଲେ ଯ ଦୀର୍ଘ ନଅ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟ କୁ ଆୟୋଜକ ସଭାପତି ପିଙ୍ଗଲ ମାଝୀ ଙ୍କ ସହ ଚୁମନଲାଲ ବାଗ, କେଶରୀ ମାଝୀ, ଦିଗାମ୍ବର ବାଗ, ଯୌତିପ୍ରକାସ ମାଝୀ, ରୋଶନ ପ୍ରଧାନୀ, ଟିକେରାମ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## ଅଜଣା ଗାଡି ଧକ୍କାରେ ଅବସର ପ୍ରାପ୍ତ ଶିକ୍ଷକ ମୃତ

ଆସିକା(ମହାଭାରତ)ଆସିକା ବ୍ଲକ ଗାଙ୍ଗପୁର ଥାନା ଅଧୀନ କଳାସୁତା ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣାରେ କେନ୍ଦୁପଦର ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ସିମାଞ୍ଚଳ ବିଶ୍ୱାଳ (୬୩)ଙ୍କ ମୃତ୍ୟୁ ଘଟିଛି। ଆଜି ଅପରାହ୍ନ ସମୟରେ ଜାହାଡା ନିଜ ସମ୍ପର୍କୀୟ ଙ୍କ ଘରକୁ ସିମା□ଳ ଯାଇ କାମ ସାରି ନିଜ ଗ୍ରାମ କେନ୍ଦୁପଦର ଫେରୁଥିବା ବେଳେ କଳାଶୁତା ନିକଟରେ ତାଙ୍କୁ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସେ ରାସ୍ତାରେ ପଡି ଥିବା ସମୟରେ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ବାଲିଶିରା ଓ ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେୟ ଏଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ।

## ଚିଟିପଲ୍ଲୀରେ ହାତୀପଲର ଦୌରାତ୍ମ୍ୟ ଅମଳ ଧାନ ସୁରକ୍ଷା ଚିନ୍ତା

ଭଞ୍ଜନଗର,(ମହାଭାରତ): ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ଜନବସତି ମୁହାଁ ହେଉଛନ୍ତି ହାତୀପଲ। ଗତ କିଛି ଦିନ ଧରି ଉ□ର ଘୁମୁସର ବନଖଣ୍ଡ ଅଧିନ ମୁଜାଗଡ ବନାଞ୍ଚଳ ଇଲାକାରେ ୨୪ ଟିକିଆ ହାତୀପଲ ଘୁରି ବୁଲୁଛନ୍ତି। ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରକୁ ଚାଲି ଆସୁଥିବାରୁ ଚାଷୀ ମାନଙ୍କ ଚିନ୍ତା ବଢିବାରେ ଲାଗିଛି। ଚାଷୀ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେଉଥିବା ବେଳେ ବନ ବିଭାଗ ପକ୍ଷରୁ ମିଳୁଥିବା ସହାୟତା ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ହାତୀ ଙ୍କ ଦୌରାତ୍ମ୍ୟ ଯୋଗୁଁ ବନ କର୍ମଚାରୀ ନାକେଦମ ହେଉଥିବା ବେଳେ ଚାଷୀର ଚିନ୍ତା ଦ୍ୱିଗୁଣିତ ହୋଇଛି। କେଉଁଠି ବନ ବିଭାଗର କର୍ମଚାରୀ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଘଉଡାଉଥିବା ବେଳେ ଅନେକ ଜାଗାରେ ଚାଷୀଙ୍କୁ ବନ ବିଭାଗର କର୍ମଚାରୀ ହାତୀ ଘଉଡାଇବାରେ ସହଯୋଗ କରୁନଥିବା ଅଭିଯୋଗ ହୋଇଛି। ଏହି ୨୪ ଟିକିଆ ହାତୀପଲ ଗତ କିଛି ଦିନ ପୂର୍ବରୁ ଗୁଣ୍ଡୁରୀବାଡ଼ି ଇଲାକାରେ ବୁଲୁଥିବା ବେଳେ ସେଠାରେ କିଛି ଘର୍ ଭାଙ୍ଗିବା ସହ ଧାନ ଓ ଚାଉଳ ବସ୍ତା ଟାଣି ଖାଇଥିଲେ। ଏହାପରେ ସେହି ଇଲାକାରୁ ହାତୀଙ୍କୁ ଅନ୍ୟତ୍ର ଘୋଡିବା ପାଇଁ ବନ ବିଭାଗକୁ ନାକେଦମ ହେବାକୁ ପଡିଥିଲା। ବର୍ତ୍ତମାନ ଏହି ହାତୀପଲ ଡ଼ହ ରେଞ୍ଜ ଅଧୀନ ଚିଟିପଲ୍ଲୀ ଗ୍ରାମ ନିକଟବର୍ତ୍ତି ଜଙ୍ଗଲ ଇଲାକାରେ ଚଳପ୍ରଚଳ କରୁଥିବା ବେଳେ ଶୁକ୍ରବାର ଭୋର ସକାଳ ସମୟରେ ଚିଟିପଲ୍ଲୀ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଗ୍ରାମର ଟୁନି ଭୂୟାଁଙ୍କ ଲକ୍ଷାଧିକ ଟଙ୍କାର ଧାନ ଓ ପନିପରିବା ଚାଷ ହାତୀପଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଭୋର ସମୟରେ ହାତୀପଲ ରାସ୍ତା କଡରେ ଥିବା ଟୁନି ଭୂୟାଁଙ୍କ ଘରେ ପଶି ୪୫ବସ୍ତା ଅମଳ ଧାନ ବସ୍ତା,କୃଷି ଯନ୍ତ୍ରପାତି ସହ ଘରକୁ ଲାଗି ରହିଥିବା ଜମିରେ ବିଭିଉ ପନିପରିବା ଚାଷ,ସୋଲାର ବୋର ଏବଂ ପେନଲ ନଷ୍ଟ କରିଛନ୍ତି। ସେହିପରି ଗ୍ରାମର ବିଜୟ ମଳିକଙ୍କ ଘର୍ କାନ୍ଥ ଭାଙ୍ଗି ହାତୀପଲ ୪ବସ୍ତା ଧାନ ଟାଣି ଖାଇ ନଷ୍ଟ କରିଛନ୍ତି ।ଏଥି ସହିତ ନିକଟସ୍ଥ ପିତାଖଡ ଗ୍ରାମରେ ଏକାକୀ ରହୁଥିବା ବୃଦ୍ଧ କାଞ୍ଚନ ମଳିକଙ୍କ ଚାଳ ଘରକୁ ଭାଙ୍ଗି ମାଟିରେ ମିଶାଇଛନ୍ତିୟ ହାତୀପଲର ଦୌରାତ୍ମ୍ୟରେ ଗ୍ରାମର ମମତା ଗୌଡ଼,କୈଳାସ ଚନ୍ଦ୍ର ବିଷୋୟୀ,ବିଦ୍ୟାଧର ପ୍ରଧାନ,ଭିକାରୀ ଭୂୟାଁ,ଅନ୍ତର୍ଯ୍ୟାମୀ ବିଷୋୟୀ,କୃଷ୍ଣ ଚନ୍ଦ୍ର ଗୌଡ଼,ସନ୍ତୋଷ ଭୂୟାଁ,ଅଶୋକ ସ୍ୱାଇଁ ଙ୍କ ବ୍ୟାପକ ପନିପରିବା ଓ ଧାନ ଫସଲ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତ। ଲକ୍ଷାଧିକ ଟଙ୍କା କୃଷି ଋଣ ଆଣି ଚାଷ କରିଥିବାରୁ ଋଣ ଟଙ୍କା କେମିତି ଶୁଝିବୁ ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି। ତେବେ ହାତୀଙ୍କ ଚଳପ୍ରଚଳ ରହିଥିବାରୁ ସେମାନଙ୍କ ଉପରେ ନଜର ରଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ କରି ସେମାନଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଡ୍ରୋନ୍ କ୍ୟାମେରାର ମଧ ସହାୟତା ନିଆଯାଉଛି। ତେବେ ହାତୀ ବାହାରୁଥିବା ଖବର ପାଇ ଅନେକ ଲୋକ ଦେଖିବା ପାଇଁ ଦେଡି ଯାଉଥିବାରୁ ଅନେକ ସମୟରେ ହାତୀ ଓ ମଣିଷ ଉଭୟଙ୍କ ସୁରକ୍ଷା ଚିନ୍ତା ଜନକ ସ୍ଥିତି ସୃଷ୍ଟି କରୁଛି।



## ହଦଗଡରେ ପରିବେଶ ଉପଯୋଗୀ ସଚେତନତା ଅଭିଯାନର ଶୁଭାରମ୍ଭ

ହାଟଡିହୀ (ମହାଭାରତ): ହଦଗଡ ବନ୍ୟପ୍ରାଣୀ ବନଖଣ୍ଡ ଅ□ଳରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି ଯ ଯୁବ ଲେଖକ,ପତ୍ରକାର,ପ୍ରକୃତି ବନ୍ଧୁ ଓ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରାପକ ତଥା ସାମାଜିକ କର୍ମୀ ଚନ୍ଦନ ପଣ୍ଡାଙ୍କ ଆବାହକ୍ତ୍ବରେ ଆ□ଳିକ କାର୍ଯ୍ୟାଳୟ,ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ,ଓଡ଼ିଶା ,କେନ୍ଦୁଝର ଆନନ୍ଦପୁର ବନଖଣ୍ଡ ଅଧିନ ହଦଗଡ ବନ୍ୟପ୍ରାଣୀ ବନା□ଳର ମିଳିତ ଆନୁକୂଲ୍ୟରେ ହଦଗଡଠାରେ ପ୍ରକୃତି ସୁରକ୍ଷା ,ବନାଗ୍ନି ନିରାକରଣ, ବନ୍ୟପ୍ରାଣୀ ସଂରକ୍ଷଣ, ନିଶା ଦ୍ରବ୍ୟ ଓ ପ୍ଲାଷ୍ଟିକ ,ପଲିଥିନ ବର୍ଜନ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଆ□ଳିକ ଶାଖା କେନ୍ଦୁଝର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର କ୍ଷେତ୍ର ସହଯୋଗୀ ସତ୍ୟ ନାରାୟଣ ଦାଶ,ଶୁଭମ ବେହେରା, ହଦଗଡ ବନପାଳ ମଳୟ କୁମାର ସାହୁ , ବନରକ୍ଷୀ ଜ୍ୟୋତି ରଞ୍ଜନ ମାଝୀ , ଜଙ୍ଗଲ ସୁରକ୍ଷା ଦଳର ପ୍ରହଲ୍ଲାଦ ଜେନା ଓ ଅର୍ଜୁନ ହାସଁଦା ପ୍ରମୁଖ ଯୋଗଦାନ କରି ହଦଗଡ ଠାରେ ଆଗନ୍ତୁକ ପର୍ଯ୍ୟଟକମାନଙ୍କୁ ପରିବେଶ ସୁରକ୍ଷା , ବନ୍ୟଜନ୍ତୁ ସଂରକ୍ଷଣ, ଜଙ୍ଗଲ ନିଆଁ ନିବାରଣ ଏବଂ ପ୍ଲାଷ୍ଟିକ, ପଲିଥିନ , ନିଶା ବର୍ଜନ କରିବା ଓ ଶବ୍ଦ ପ୍ରଦୂଷଣ ନକରିବା ନିମନ୍ତେ ପ୍ରଚାର ପତ୍ର ବ□ନ କରାଯିବା ସହ ନଦୀ ବନ୍ଧ ଚତୁର୍ପାଶ୍ୱରେ ଏକ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ଉଭୟ ଅଧିକାରୀଙ୍କ ଉପସ୍ଥିତିରେ ସେଠାରେ ଥିବା ସାମୟିକ ଦୋକାନ ଓ ବଣଭୋଜି ପାଇଁ ଆସିଥିବା ପର୍ଯ୍ୟଟକମାନଙ୍କଠାରୁ ପାଖାପାଖି ୯ କିଗ୍ରା , ୩୭୦ ଗ୍ରାମର ପଲିଥିନ୍, ଥର୍ମୋକୁଲ୍ ଓ ପ୍ଲାଷ୍ଟିକ ଜାତୀୟ ପଦାର୍ଥ ଜବତ କରାଯାଇଥିଲା ।ତାର ପ୍ରତିବଦଳରେ ସମସ୍ତଙ୍କୁ ପରିବେଶ ଉପଯୋଗୀ ଓ ଜୈବ ବିଘଟିତ ପଦାର୍ଥ ବ୍ୟବହାର କରିବା ପାଇଁ ସଚେତନ କରିବା ସହ ଶାଳପତ୍ର ଖଲି ଓ ଚଉତି ପ୍ରଦାନ କରାଯାଇଥିଲା । ଏଥିରେ ପ୍ରବୀର ନାୟକ, ସସ୍ମିତା ନାୟକ, କଳ୍ପନା ନାୟକ, ମାଳତୀ ହୋ,ନମିତା ନାୟକ, ଜଳିରାଣୀ ନାୟକ, ଗୀତାଞ୍ଜଳି ନାୟକ, ଲୋଚନା ନାୟକ, ସଞ୍ଜୁ ପାତ୍ର ଓ ଶଙ୍କର୍ଷଣ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

### ପାରାଦୀପ ବନ୍ଦର ୬୪ ତମ ପ୍ରତିଷ୍ଠା ଦିବସରେ ମାରାଥନ ଦୌଡ଼ ପ୍ରତିଯୋଗିତା

## ଅଶୋକ ଦଣ୍ଡସେନ ଓ ସସ୍ମିତା ଟିଗା ଚମ୍ପିୟନ




ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ର ୬୪ ତମ ପ୍ରତିଷ୍ଠା ଦିବସରେ ଗୋପବନ୍ଧୁ କ୍ରୀଡା ସଂସଦ ଆନୁକୂଲ୍ୟରେ ୨୦ତମ ମାରାଥନ ଦୌଡ ପ୍ରତିଯୋଗିତା ଜାନୁଆରୀ ୩ ତାରିଖ ବୁଧବାର ଦିନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମାନିତ ଅତିଥି ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଙ୍କ ଉପସ୍ଥିତି ରେ ସକାଳେ ହନୁମାନ ମନ୍ଦିର ଛକ ଠାରେ ଏହି ମାରାଥନ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ମାରାଥନ ବନ୍ଦର ସହର ର ୧୪ କିଲୋମିଟର ପଥ ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିଅମ ଠାରେ ସମାପ୍ତ ହୋଇଥିଲା । ତେବେ ସହରର ବିଭିଉ ମାର୍ଗ ଅତିକ୍ରମ କଲାବେଳେ ଛକ ମାନଙ୍କରେ ବିଭିଉ ସଂଗଠନ, ଅନୁଷ୍ଠାନ ଓ ବନ୍ଦର ଅନ୍ତେବାସୀ ମାନେ କ୍ରୀଡ଼ାବିତ ଙ୍କୁ ଉତ୍ସାହିତ କରୁଥିବା ଏବଂ ପାନୀୟ ଜଳ ଯୋଗାଇ ଦେଉଥିବାର ଦେଖିବାକୁ ମିଳିଥିଲା।ଏହି ଚର୍ଚ୍ଚିତ ପ୍ରତିଯୋଗିତାରେ ଓଡିଶା ସମେତ ରାଜ୍ୟ ବାହାରର ୩୨୫ ପୁରୁଷ ଓ ୬୩ ମହିଳା ସର୍ବମୋଟ ୩୮୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ରେ ପୁରୁଷ ବର୍ଗରେ ଓଡିଶା ପୋଲିସ ର ଅଶୋକ ଦଣ୍ଡସେନ ୪୧ ମିନିଟ ୫୧.୧ ସେକେଣ୍ଡ ମଧରେ ନିଧାର୍ଯ୍ୟ ପଥ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରି ଚମ୍ପିୟନ ହୋଇଥିବା ବେଳେ ଝାଡ଼ଖଣ୍ଡ ରାଜ୍ୟ ର ଅର୍ଜୁନ ଟୁଡୁ ୪୧ ମିନିଟ ୫୪.୭ ସେକେଣ୍ଡ ରେ ଦ୍ୱିତୀୟ ଓ ସୋନପୁର ର ଦୟାନିଧି ମୁଣ୍ଡା ୪୪ ମିନିଟ ୦୪ ସେକେଣ୍ଡ ସମୟରେ ନିଧାର୍ଯ୍ୟ ପଥ ଅତିକ୍ରମ କରି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ମହିଳା ବିଭାଗରେ ଓଡିଶା ପୋଲିସ ର କୁମାରୀ ସସ୍ମିତା ଟିଗା ନିଧାର୍ଯ୍ୟ ଦୂରତା କୁ ୫୩ ମିନିଟ ୨୬.୫ ସେକେଣ୍ଡ ମଧରେ ଅତିକ୍ରମ କରି ଚମ୍ପିୟନ ହୋଇଥିବା ବେଳେ,ମୟୁରଭଞ୍ଜ ର କୁମାରୀ ସନ୍ଧ୍ୟା ମୁର୍ମୁ ୫୪ ମିନିଟ ୫୮.୬ ସେକେଣ୍ଡ ରେ ଦୂରତା ଅତିକ୍ରମ କରି ଦ୍ୱିତୀୟ ଏବଂ କେନ୍ଦ୍ରାପଡା ର ଦୀପ୍ତି ରାଣି ସାହୁ ୫୫ ମିନିଟ ୫୦.୧ ସେକେଣ୍ଡ ରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଓଡ଼ିଶାର ଜାତୀୟ ତଥା ଆନ୍ତର୍ଯ୍ୟାତୀୟ କ୍ରୀଡ଼ାବିତ ଶ୍ରାବଣୀ ନନ୍ଦ ଙ୍କୁ ବନ୍ଦରାଧକ୍ଷ ଶ୍ରୀ ହରନାଦ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଭାରତୀୟ ତଟ ରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ -୭ ର ଡିଆଇଜି ସଞ୍ଜୟ ନେଗୀ, ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ ଙ୍କ ସମେତ ବିଭାଗୀୟ ମୁଖ୍ୟ ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ କ୍ଷ ଓଡିଶା ଅଲମ୍ପିକ ଆସୋସିଏସନ ସହାୟତାରେ ପାରାଦୀପ ବନ୍ଦର କ୍ରୀଡା ପରିଷଦର ସଭାପତି ଡ଼ଃ. ଡି.ଏନ.ସୋନ୍ଧି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ଗୋପବନ୍ଧୁ କ୍ରୀଡା ସଂସଦ ର ଉପଦେଷ୍ଟା ରବି ଦାସ ପ୍ରମୁଖ ଏହି ମାରାଥନ ପ୍ରତିଯୋଗିତା କୁ ସଫଳତାର ସହ ପରିଚାଳନା କରିଥିଲେ । ତେବେ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହନ ପାଇଁ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ଏହି ମାରାଥନ ପ୍ରତିଯୋଗିତା ପ୍ରୟାସ କୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଦିଲ୍ଲୀରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୩।୧ (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିଲ୍ଲୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ୨୦୨୫ ଭାରତର ବିକାଶ ପାଇଁ ଏକ ବିପୁଳ ସୁଯୋଗର ବର୍ଷ ହେବ, ଯାହା ଦେଶକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ଆଡକୁ ଆଗେଇ ନେବ । ଆଜି ଭାରତ ରାଜନୈତିକ ଓ ଅର୍ଥନୈତିକ ସ୍ଥିରତାର ଏକ ବିଶ୍ୱ ପ୍ରତୀକ ଭାବେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ବର୍ଷରେ ଦେଶର ଭାବମୂର୍ତ୍ତି ଆହୁରି ସୁଦୃଢ଼ ହେବ ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ ୨୦୨୫ ପାଇଁ ଭିଜନ୍ ବିଷୟରେ ଆଲୋକପାତ କରିଥିଲେ, ଏହାକୁ ବିଶ୍ୱର ସର୍ବବୃହତ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା, ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗପାଇଁ ଯୁବକମାନଙ୍କୁ ସଶକ୍ତ କରିବା, ନୂତନ କୃଷି ରେକର୍ଡ ସ୍ଥାପନ କରିବା, ମହିଳାଙ୍କ ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସହଜ ଜୀବନଧାରଣ ଉପରେ ଧ୍ୟାନ ଦେଇ ପ୍ରତ୍ୟେକ ନାଗରିକଙ୍କ ଜୀବନର ଗୁଣବତ୍ତା ରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ଉଦଘାଟିତ ହୋଇଥିବା ପ୍ରକଳ୍ପଗୁଡ଼ିକରେ ଗରିବଙ୍କ ପାଇଁ ଘର ଏବଂ ସ୍କୁଲ ଓ କଲେଜ ସହ ଜଡ଼ିତ ପ୍ରକଳ୍ପ ରହିଛି। ବିଶେଷ କରି ଯେଉଁମାନେ ଏକ ନୂଆ ଇନିଂସ ଆରମ୍ଭ କରୁଛନ୍ତି, ସେମାନଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବସ୍ତି ସ୍ଥାନରେ ପକ୍କା ଘର ଏବଂ ଭଡ଼ା ଘର ବଦଳରେ ନିଜ ଘର ରହିଛି, ବାସ୍ତବରେ ଏହା ଏକ ନୂତନ ଆରମ୍ଭ। ଲୋକଙ୍କୁ ଦିଆଯାଇଥିବା ଘରଗୁଡ଼ିକ ଆତ୍ମସମ୍ମାନ, ସ୍ୱାଭିମାନ ଏବଂ ନୂତନ ଆକାଂକ୍ଷା ଓ ସ୍ୱପ୍ନର ପ୍ରତୀକ ବୋଲି ଶ୍ରୀ ମୋଦୀ କହିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ସେମାନଙ୍କ ଉତ୍ସବ ଏବଂ ପର୍ବର ଏକ ଅଂଶ ହେବା ପାଇଁ ଉପସ୍ଥିତ ଥିଲେ। ଅତୀତରେ ଜରୁରୀକାଳୀନ ପରିସ୍ଥିତିର କଳା ଦିନକୁ ମନେ ପକାଇ ଶ୍ରୀ ମୋଦୀ କହିଥିଲେ ଯେ ସେ ଏବଂ ତାଙ୍କ ଭଳି ଅନ୍ୟ ଅନେକ ଦଳୀୟ କର୍ମୀ ଯେଉଁମାନେ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ନିରବ ଆନ୍ଦୋଳନରେ ସାମିଲ ଥିଲେ, ସେମାନେ ଅଶୋକ ବିହାରରେ ରହିଥିଲେ।



'ସମଗ୍ର ଦେଶ ଆଜି ବିକଶିତ ଭାରତ ନିର୍ମାଣରେ ନିୟୋଜିତ ଅଛି', ଶ୍ରୀ ମୋଦୀ କହିଥିଲେ । ଭାରତର ପ୍ରତ୍ୟେକ ନାଗରିକଙ୍କୁ ବିକଶିତ ଭାରତରେ ପକ୍କା ଘର ଦେବା ପାଇଁ ଆମେ ଏକ ସଂକଳ୍ପ ନେଇ କାମ କରୁଛୁ ବୋଲି ସେ କହିଛନ୍ତି। ଏହି ସଂକଳ୍ପକୁ ସାକାର କରିବାରେ ଦିଲ୍ଲୀର ପ୍ରମୁଖ ଭୂମିକା ରହିଛି ବୋଲି ସେ କହିଛନ୍ତି। ତେଣୁ କେନ୍ଦ୍ର ସରକାର ବସ୍ତିଗୁଡ଼ିକ ସ୍ଥାନରେ ପକ୍କା ଘର କରିବା ପାଇଁ ଯୋଜନା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି। ଦୁଇ ବର୍ଷ ତଳେ ସେ ବସ୍ତି ବାସିନ୍ଦାଙ୍କ ପାଇଁ କାଲକାଜୀ ଏକ୍ସଟେନ୍ସନରେ ୩୦୦୦ରୁ ଅଧିକ ଘର ଉଦଘାଟନ କରିବାର ସୁଯୋଗ ପାଇଥିଲେ ବୋଲି ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁ ପରିବାରରେ ଅନେକ ପିଢ଼ି ବିନା କୌଣସି ଆଶାରେ ବସ୍ତିରେ ରହୁଥିଲେ ସେମାନେ ପ୍ରଥମ ଥର ପାଇଁ ପକ୍କା ଘରକୁ ଚାଲିଆସିଛନ୍ତି। ସେ ଆହୁରି ମଧ୍ୟ ମନେ ପକାଇଲେ ଯେ ସେ କହିଥିଲେ ଯେ ଏହା କେବଳ ଆରମ୍ଭ ଥିଲା । ଆଜି ପ୍ରାୟ ୧୫୦୦ ଘରର ଚାବି ଲୋକଙ୍କୁ ଦିଆଯାଇଥିବା ଶ୍ରୀ ମୋଦୀ ଆଲୋକପାତ କରିଥିଲେ। ସ୍ୱାଭିମାନ ଆପାର୍ଟମେଂଟ ଲୋକଙ୍କ ସ୍ୱାଭିମାନକୁ ଆହୁରି ବଢ଼ାଇବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେ ଅନୁଭବ କରିଛନ୍ତି ଯେ ହିତାଧିକାରୀମାନଙ୍କ ସହିତ ଆଲୋଚନା ସମୟରେ ସେମାନଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଏବଂ ଶକ୍ତି ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଘରର ମାଲିକ ଯିଏ ବି ହୁଅନ୍ତୁ ନା କାହିଁକି, ସେମାନେ ସମସ୍ତେ ତାଙ୍କ ପରିବାରର ଅଂଶ ଥିଲେ।

ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ ୧୦ ବର୍ଷ ମଧ୍ୟରେ ତାଙ୍କ ସରକାର ୪ କୋଟିରୁ ଅଧିକ ଲୋକଙ୍କ ପକ୍କା ଘରର ସ୍ୱପ୍ନ ପୂରଣ କରିଛନ୍ତି । ବର୍ତ୍ତମାନ ଖୋଲା ଆକାଶ ତଳେ ରହୁଥିବା ସମସ୍ତଙ୍କୁ ନିଶ୍ଚିତ ଭାବେ ସମସ୍ତ ମୌଳିକ ସୁବିଧା ସହ ଘର ମିଳିବ ବୋଲି ପ୍ରଚାର କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଶ୍ରୀ ମୋଦୀ କହିଛନ୍ତି ଯେ ଏଭଳି ପଦକ୍ଷେପ ଜଣେ ଗରିବ ବ୍ୟକ୍ତିଙ୍କ ଆତ୍ମସମ୍ମାନକୁ ବଢ଼ାଇବ ଏବଂ ସେମାନଙ୍କୁ ଆତ୍ମବିଶ୍ୱାସ ସୃଷ୍ଟି କରିବ ଯାହା କି ବିକଶିତ ଭାରତର ପ୍ରକୃତ ଶକ୍ତି । ଦିଲ୍ଲୀରେ ପାଖାପାଖି ୩୦୦୦ ନୂଆ ଘର ନିର୍ମାଣ ପାଇଁ ଘୋଷଣା କରିବା ସହ ଆଗାମୀ ବର୍ଷରେ ସହରବାସୀଙ୍କ ପାଇଁ ହଜାର ହଜାର ନୂଆ ଘର ଉପଲବ୍ଧ ହେବ ବୋଲି ସେ ଘୋଷଣା କରିଛନ୍ତି। ଶ୍ରୀ ମୋଦୀ ଆହୁରି ମଧ୍ୟ କହିଛନ୍ତି, 'ଏହି ଅଂଚଳରେ ବହୁ ସଂଖ୍ୟକ ସରକାରୀ କର୍ମଚାରୀ ବସବାସ କରନ୍ତି ଏବଂ ସେମାନେ ଦଖଲ କରିଥିବା ଘରଗୁଡ଼ିକ ବହୁତ ପୁରୁଣା ଥିଲା । ନୂତନ, ଆଧୁନିକ ଗୃହ ନିର୍ମାଣ ସେମାନଙ୍କୁ ଉନ୍ନତ ଜୀବନଧାରଣ ମାନ ପ୍ରଦାନ କରିବ, ଯାହା ସେମାନଙ୍କ କଲ୍ୟାଣ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ସହରରେ ବଢୁଥିବା ଜନସଂଖ୍ୟା ଏବଂ ସହରୀକରଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ କେନ୍ଦ୍ର ସରକାର ନରେଲା ଉପ-ସହର ର ନିର୍ମାଣକୁ ତ୍ୱରାନ୍ୱିତ କରି ଦିଲ୍ଲୀର ଭିତ୍ତିଭୂମିର ବିକାଶକୁ ଆହୁରି ତ୍ୱରାନ୍ୱିତ କରୁଛନ୍ତି ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଉଚ୍ଚଶିକ୍ଷା କ୍ଷେତ୍ରରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଖ୍ୟାତି କ୍ରମାଗତ ଭାବେ ସୁଦୃଢ଼ ହେଉଛି । ଦିଲ୍ଲୀର ଯୁବପିଢ଼ିଙ୍କୁ ଉଚ୍ଚଶିକ୍ଷା ପାଇଁ ଅଧିକ ସୁଯୋଗ ପ୍ରଦାନ କରିବା ଆମର ପ୍ରୟାସ। ଆଜି ନୂଆ କ୍ୟାମ୍ପସର ଶିଳାନ୍ୟାସ କରାଯାଇଛି, ଯାହା ଦ୍ୱାରା ବାର୍ଷିକ ଶତାଧିକ ଛାତ୍ରଛାତ୍ରୀ ଡିୟୁରେ ପାଠ ପଢ଼ିପାରିବେ । ବହୁ ପ୍ରତୀକ୍ଷିତ ପୂର୍ବ ଓ ପଶ୍ଚିମ କ୍ୟାମ୍ପସକୁ ଯଥାକ୍ରମେ ସୁରଜମଲ ବିହାର ଏବଂ ଦ୍ୱାରକାରେ ବିକଶିତ କରାଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହାବ୍ୟତୀତ ନଜଫଗଡ଼ରେ ବୀର ସାବରକରଙ୍କ ନାମରେ ଏକ ନୂତନ ମହାବିଦ୍ୟାଳୟ ମଧ୍ୟ ନିର୍ମାଣ କରାଯିବ ।

ଗୋଟିଏ ପଟେ କେନ୍ଦ୍ର ସରକାର ଦିଲ୍ଲୀର ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରୟାସ କରୁଥିବା ବେଳେ ଅନ୍ୟପଟେ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ମିଛ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଶେଷ କରି ଶିକ୍ଷା ପାଇଁ ଆସୁଥିବା ପାଣ୍ଠିର ଭୁଲ ପରିଚାଳନା ଯୋଗୁଁ ଦିଲ୍ଲୀ ରାଜ୍ୟ ସରକାର ବହୁ କ୍ଷତି ସହିଛନ୍ତି। ସ୍ଥିତି ଏପରି ହୋଇଛି ଯେ ସମଗ୍ର ଶିକ୍ଷା ଅଭିଯାନ ଅଧୀନରେ ଆବଂଟିତ ପାଣ୍ଠିକୁ ରାଜ୍ୟ ସରକାର ପିଲାଙ୍କ ପାଠପଢ଼ା ରେ ମଧ୍ୟ ଖର୍ଚ୍ଚ କରିନାହାନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ମଦ ଚୁକ୍ତି, ସ୍କୁଲ ଶିକ୍ଷା, ଗରିବଙ୍କ ପାଇଁ ସ୍ୱାସ୍ଥ୍ୟସେବା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ନିଯୁକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ଏବଂ ଦୁର୍ନୀତି ପରିଲକ୍ଷିତ ହୋଇଛି । କିଛି କଠୋର ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଆନ୍ନା ହଜାରେଙ୍କୁ ଏକ ମୋର୍ଚ୍ଚା ଭାବରେ ବ୍ୟବହାର କରି ଦିଲ୍ଲୀକୁ ଏହି ସଙ୍କଟ ଭିତରକୁ ଠେଲି ଦେଇଛନ୍ତି ' ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ ଦିଲ୍ଲୀ ସର୍ବଦା ସୁଶାସନର ପରିକଳ୍ପନା କରିଛି କିନ୍ତୁ ଶାସକ ରାଜ୍ୟ ସରକାର ଏହାର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛନ୍ତି ଏବଂ କେବଳ ପରିସ୍ଥିତିକୁ ଆହୁରି ଖରାପ କରିଦେଇଥିଲା। ଫଳରେ ଦିଲ୍ଲୀବାସୀ ଏହି ସଙ୍କଟ ବିରୋଧରେ ଲଢ଼ିବା ପାଇଁ ସଂକଳ୍ପବଦ୍ଧ ହେବା ସହ ସହରକୁ ଏହି ଦୁର୍ନୀତିରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

କେନ୍ଦ୍ର ସରକାର ଦିଲ୍ଲୀରେ ସଡ଼କ, ମେଟ୍ରୋ ବ୍ୟବସ୍ଥା, ଡାକ୍ତରଖାନା ଏବଂ କଲେଜ କ୍ୟାମ୍ପସ ଭଳି ପ୍ରମୁଖ ପ୍ରକଳ୍ପ ପରିଚାଳନା କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ବିଶେଷ କରି ଯମୁନା ନଦୀର ସଫେଇ ଭଳି କ୍ଷେତ୍ରରେ ରାଜ୍ୟ ସରକାର ନିଜ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଛନ୍ତି। ଯମୁନା ନଦୀକୁ ଅବହେଳା କରିବା ଫଳରେ ଏକ ସଙ୍କଟ ସୃଷ୍ଟି ହୋଇଛି ଯେଉଁଠାରେ ଲୋକେ ମଇଳା ପାଣିରେ ରହୁଛନ୍ତି ବୋଲି ସେ କହିଛନ୍ତି।

ଉତ୍ତମ ଜାତୀୟ ଯୋଜନାର ସୁଫଳ ଯେପରି ଦିଲ୍ଲୀରେ ପହଂଚିବ ତାହା ସୁନିଶ୍ଚିତ କରିବା ତାଙ୍କର ଲକ୍ଷ୍ୟ ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ସରକାରଙ୍କ ଯୋଜନା ଗରିବ ଓ ମଧ୍ୟବିତ୍ତଙ୍କୁ ଉଭୟ ଆର୍ଥିକ ସୁବିଧା ଓ ସଂଚୟ ପ୍ରଦାନ କରିଛି। ସେ କହିଛନ୍ତି ଯେ ସରକାର ବିଜୁଳି ବିଲ୍ କୁ ଶୂନ କରୁଛନ୍ତି ଏବଂ ପରିବାରଗୁଡ଼ିକୁ ବିଜୁଳି ଉତ୍ପାଦନ ପାଇଁ ସୁଯୋଗ ଦେଉଛନ୍ତି। ଶ୍ରୀ ମୋଦୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ମାଧ୍ୟମରେ ପରିବାରମାନେ ବିଦ୍ୟୁତ୍ ଉତ୍ପାଦନକାରୀ ହେଉଛନ୍ତି ଏବଂ କେନ୍ଦ୍ର ସରକାର ସୌର ପ୍ୟାନେଲ ସ୍ଥାପନ ପାଇଁ ୭୮,୦୦୦ ଟଙ୍କା ପ୍ରଦାନ କରୁଛନ୍ତି।

କେନ୍ଦ୍ର ସରକାର ଦିଲ୍ଲୀର ପ୍ରାୟ ୭୫ ଲକ୍ଷ ଅଭାବୀ ଲୋକଙ୍କୁ ମାଗଣା ରାସନ ଯୋଗାଇ ଦେଉଛନ୍ତି ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ।

# ୧୦ ବର୍ଷରେ ୧୭ କୋଟି ନିଯୁକ୍ତି : ଶ୍ରମମନ୍ତ୍ରୀ

**ନୂଆଦିଲ୍ଲୀ,୩।୧(ଏଜେନ୍ସି):** ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍ଡିଏ ସରକାରଙ୍କ ଗତ ୧୦ ବର୍ଷ(୨୦୧୪-୨୦୨୪)ରେ ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ୟୁପିଏ ଅମଳରେ ସୃଷ୍ଟି ହୋଇଥିବା ନିଯୁକ୍ତି ତୁଳନାରେ ଏହା ପ୍ରାୟ ୫ ଗୁଣା ଅଧିକ ।

କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଆଜି ଏକ ଗଣମାଧ୍ୟମ ସଂସ୍ଥାକୁ ଦେଇଥିବା ସାକ୍ଷାତକାରରେ ଏଭଳି ଦାବି କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ତଥ୍ୟକୁ ଉଲ୍ଲେଖ କରି ସେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ୨୦୦୪ରୁ ୨୦୧୪ ମଧ୍ୟରେ ୨.୯ କୋଟି ନିଯୁକ୍ତି ସୃଷ୍ଟି ହୋଇଥିଲା । କିନ୍ତୁ କେବଳ ଗୋଟିଏ ବର୍ଷ ଅର୍ଥାତ ୨୦୨୪ରେ ୪.୯ କୋଟି ନିଯୁକ୍ତି ସୃଷ୍ଟି ହୋଇଛି । ମୋଦୀ ସରକାରଙ୍କ ପ୍ରଥମ ୧୦ ବର୍ଷ ଅର୍ଥାତ ୨୦୧୪ରୁ ୨୦୨୪ ମଧ୍ୟରେ ୧୭.୧୯ କୋଟି ନିଯୁକ୍ତି ସୃଷ୍ଟି ହୋଇଛି । ୟୁପିଏ ଅମଳରେ ନିଯୁକ୍ତି ଅଭିବୃଦ୍ଧି ୬ ପ୍ରତିଶତ ରହିଥିବାବେଳେ ବର୍ତ୍ତମାନର ଏନଡିଏ ସରକାରଙ୍କ ଅମଳରେ ଏହା ୩୬ ପ୍ରତିଶତ ରହିଛି। ୟୁପିଏ ସରକାରଙ୍କ ଅମଳରେ କୃଷି କ୍ଷେତ୍ରରେ ନିଯୁକ୍ତି ୧୬ ପ୍ରତିଶତ ହ୍ରାସ ଘଟିଥିଲା । କିନ୍ତୁ ୨୦୧୪ରୁ ୨୦୨୩ ମଧ୍ୟରେ ଏଥିରେ ୧୯ ପ୍ରତିଶତ ବୃଦ୍ଧି ଘଟିଛି ।ନିର୍ମାଣ କ୍ଷେତ୍ରରେ ନିଯୁକ୍ତି ୟୁପିଏ ସରକାରଙ୍କ ଅମଳରେ ମାତ୍ର ୬ ପ୍ରତିଶତ ବଢିଥିଲା । ଏନ୍ଡିଏ ସରକାରଙ୍କ ଅମଳରେ ଏହା ୧୫ ପ୍ରତିଶତ ବୃଦ୍ଧି ଘଟିଛି । ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖୁଥିବା ସେବା କ୍ଷେତ୍ର ସଂପର୍କରେ ମନ୍ତ୍ରୀ କହିଛନ୍ତି ଯେ ୨୦୦୪ରୁ ୨୦୧୪ ମଧ୍ୟରେ ଏ କ୍ଷେତ୍ରରେ ନିଯୁକ୍ତି ୨୫ ପ୍ରତିଶତ ଅଭିବୃଦ୍ଧି ଘଟିଥିଲା । କିନ୍ତୁ ୨୦୧୪ରୁ ୨୦୨୩ ମଧ୍ୟରେ ଏକ୍ଷେତ୍ରର ନିଯୁକ୍ତିରେ ୩୬ ପ୍ରତିଶତ ବୃଦ୍ଧି ଘଟିଛି । ଦେଶରେ ବେକାରି ହାର ୨୦୧୭-୧୮ରେ ୬ ପ୍ରତିଶତ ରହିଥିଲା। ୨୦୨୩-୨୪ରେ ଏହା ୩.୨ ପ୍ରତିଶତକୁ ଖସିଆସିଛି। ସ୍ନାତକମାନଙ୍କ ନିଯୋଜନୀୟତାରେ ଉଲ୍ଲେଖନୀୟ ଉନ୍ନତି ଆସିଛି । ୨୦୧୩ରେ ଏହା ୩୩.୯୫ ପ୍ରତିଶତ ଥିଲା ଏବଂ ୨୦୨୪ରେ ଏହା ୫୪.୮୧ ପ୍ରତିଶତରେ ପହଞ୍ଚିଛି। ଯୁବବର୍ଗ କ୍ଷେତ୍ରରେ ମଧ୍ୟ ନିଯୁକ୍ତିରେ ଯଥେଷ୍ଟ ଉନ୍ନତି ଆସିଛି । ୨୦୧୭-୧୮ରେ ଏହି ହାର ୩୧.୪ ପ୍ରତିଶତ ରହିଥିଲାୟ ୨୦୨୩-୨୪ରେ ଏହା ୪୧.୭ ପ୍ରତିଶତକୁ ବୃଦ୍ଧି ଘଟିଛି । ଏଥିସହିତ ୨୦୧୭ ସେପ୍ଟେମ୍ବରରୁ ୨୦୨୪ ସେପ୍ଟେମ୍ବର ମଧ୍ୟରେ ଆନୁଷ୍ଠାନିକ ନିଯୁକ୍ତି କ୍ଷେତ୍ରରେ ୧୮ରୁ ୨୮ ବର୍ଷ ବୟସ ବର୍ଗର ୪.୭ କୋଟିରୁ ଅଧିକ ବ୍ୟକ୍ତି ସାମିଲ ହୋଇଛନ୍ତି ବୋଲି ଇପିଏଫ୍‌ଓ ତଥ୍ୟରୁ ଜଣାଯାଇଛି । ଉଲ୍ଲେଖଯୋଗ୍ୟ, ୨୦୦୪ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଦେଶରେ ୟୁପିଏ ସରକାରର ପ୍ରଧାନମନ୍ତ୍ରୀ ଡ ମନମୋହନ ସିଂହ ରହିଥିଲେ । ତାହା ପରଠାରୁ ଏନଡିଏ ସରକାରଙ୍କ ଅମଳରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ରହିଛନ୍ତି।

# ସିରିଆରେ ସିକ୍ରେଟ ଅପରେସନ କଲା ଇସ୍ରାଏଲ

**ନୂଆଦିଲ୍ଲୀ,୩।୧:** ଇସ୍ରାଏଲ୍ ସେନା ସିରିଆରେ ଏହାର ଏକ ଗୁପ୍ତ ମିଶନ ବିଷୟରେ ଏକ ବଡ଼ ଖୁଲାସା କରିଛି । ଆଇଡିଏଫ୍ କହିଛି, ରାଷ୍ଟ୍ରପତି ବଶର ଅଲ-ଅସଦଙ୍କ ଶାସନ କାଳରେ ଇସ୍ରାଏଲର ୧୨୦ କମାଣ୍ଡୋ ସିରିଆରେ ହଇଚଇ ସୃଷ୍ଟି କରିଥିଲେ । ଏଥି ସହିତ ଇରାନର ସାହାଯ୍ୟରେ ସିରିଆର ଭୂତଳ କ୍ଷେପଣାସ୍ତ୍ର କାରଖାନା ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଆଇଡିଏଫ୍ କହିଛି ଯେ ଇସ୍ରାଏଲ୍ ଏହି ଗୁପ୍ତ ମିଶନକୁ ୮ ସେପ୍ଟେମ୍ବର ୨୦୨୪ରେ କରିଥିଲା, କିନ୍ତୁ ବର୍ତ୍ତମାନ ଏହା ସାର୍ବଜନୀନ କରାଯାଇଛି ।

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ମାର୍ଚ୍ଚ ୩୧ ...

ବ୍ୟବସାୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଏବଂ ରୋଜଗାର ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହାର ଲକ୍ଷ୍ୟ ଅଟେ । ଏହି ଯୋଜନାକୁ ସଠିକ ଭାବେ ଉପଯୋଗ କରିବା ତଥା ରାଜ୍ୟରେ ପ୍ରଚୁର ସୁଯୋଗ ଯୋଗାଇଦେଇ କୃଷକ ମାନଙ୍କର ରୋଜଗାର ବୃଦ୍ଧି କରିବା ପାଇଁ ରାଜ୍ୟ କ୍ୟାବିନେଟ ୨୦୨୧-୨୨ ଆର୍ଥୀକ ବର୍ଷ ଠାରୁ ୨୦୨୫-୨୬ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ୮୭୪.୧୪ କୋଟି ଟଙ୍କାର ଖର୍ଚ୍ଚ ଅଟକଳକୁ ଅନୁମୋଦନ କରିଛନ୍ତି; ଯାହା କୃଷି ଉଦ୍ୟୋଗୀମାନଙ୍କୁ ସବସିଡ଼ି ପ୍ରଦାନରେ ସହାୟକ ହେବ ।ଏହାଦ୍ୱାରା ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅନେକ ସମ୍ଭାବନା ସୃଷ୍ଟି ହେବ । ଫଳସ୍ୱରୂପ କୃଷି କ୍ଷେତ୍ରରେ ଦ୍ରୁତ ଆଧୁନିକୀକରଣ ହୋଇପାରିବ ।

ସେହିପରି ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଜନସ୍ୱାର୍ଥ ସମ୍ବଳିତ କାର୍ଯ୍ୟକୁ ଦୃଷ୍ଟିରେ ରଖି କ୍ୟାବିନେଟ୍ 'ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍'ର ନୂତନ ବ୍ୟାଙ୍କ ଋଣ ପାଇଁ ସରକାରୀ ଗ୍ୟାରେଣ୍ଟି ଲାଗୁ କରିବା ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହା ଦ୍ୱାରା ରାଜ୍ୟରେ ଧାନ ସଂଗ୍ରହଣ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ସୁଚାରୁରୂପେ ସମ୍ପାଦନ କରିପାରିବ ।

ସେହିପରି ଅନ୍ୟାନ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ଓଡିଶା ରାଜ୍ୟ ଯୋଗାଣ ନିଗମ ଦ୍ୱାରା ଆଗାମୀ ୫ ବର୍ଷ ପାଇଁ ନିଆଯିବାକୁ ଥିବା ନୂତନ ଋଣ ପାଇଁ ୧୭,୫୦୦ କୋଟି ଟଙ୍କାର ସରକାରୀ ଗ୍ୟାରେଣ୍ଟି ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଗଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧିକାଂଶ ସମୟରେ ସାମୟିକ ସବସିଡିର ସ୍ୱଳ୍ପ ଓ ବିଳମ୍ବ ରିଲିଜ୍ ଯୋଗୁ ଧାନ ସଂଗ୍ରହଣ ଜାରି ରଖୁବା, ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ ବହନ କରିବା ପାଇଁ ଓଡିଶା ରାଜ୍ୟ ଯୋଗାଣ ନିଗମ ଆବଶ୍ୟକ କରୁଥିବା ବ୍ୟାଙ୍କ ଋଣ, ସ୍ୱଳ୍ପ ସୁଧ ହାର ଓ ସହଜରେ ହାସଲ କରିପାରିବ। ଯେହେତୁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ଏକ ବିନା ଲାଭ-କ୍ଷତି ସଂସ୍ଥା, ଚାଷୀ ଓ ଜନସାଧାରଣଙ୍କ ଦୃଷ୍ଟିରେ ରଖି, ଓଜିଏଫଆର ୨୦୨୩ର ଧାରା -୩୪୨ ଅନୁସାରେ ଗ୍ୟାରେଣ୍ଟି କମିଶନ ଦେୟ ୪୩୭.୫ କୋଂଟି ଛାଡ କରାଯିବ ପାଇଁ ନିଷ୍ପତ୍ତି ନିଆଗଲା।

ଇସ୍ପାତ୍ ଓ ଖଣି ବିଭାଗ ରାଜ୍ୟର ବିଭିନ୍ନ ପ୍ରମୁଖ ଖଣିଜ ପଦାର୍ଥର ପ୍ରାଶାସନକୁ ତଦାରଖ କରିବା ସହିତ ବିଭିନ୍ନ ଲଘୁ ଖଣିଜ ପଦାର୍ଥର ସୁପରିଚାଳନା ପାଇଁ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି, ଯାହା ପୂର୍ବରୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପରିଚାଳିତ ହୋଇଥିଲା। ଖଣିର ସୁପରିଚାଳନା ସହ ଜଡ଼ିତ ବିଭିନ୍ନ ଆହ୍ୱାନର ସଫଳତାର ସହିତ ସମାନା କରିବା ପାଇଁ ବିଭାଗ ଏହାର ଦକ୍ଷତା ବୃଦ୍ଧି କରିଛି। ଇସ୍ପାତ ଓ ଖଣି ବିଭାଗ କାର୍ଯ୍ୟାଳୟରେ ସୂଚୀବଦ୍ଧ ବିଷୟମାନଙ୍କରେ ବିଭଗ ଦିନରେ ଅନେକ ପରିବର୍ତ୍ତନ ହୋଇଥିବାରୁ ବିଭାଗର ଅନୁସଚୀରେ ସଂଶୋଧନ କରିବା ଅବଶ୍ୟକ ହେଉଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରୁ ସଇରାତ ବ୍ୟତୀତ ଲଘୁ ଖଣିଜ ପଦାର୍ଥର ପରିଚାଳନା ଓ ପ୍ରଶାସନ ଏହି ବିଭାଗକୁ ସ୍ଥାନାନ୍ତର। ରାଜ୍ୟରେ ଖରିଜ ସଂପଦର ସର୍ବେକ୍ଷଣ ଏବଂ ଅନ୍ୱେଷଣ। ଖଣିଜ ପଦାର୍ଥ ବ୍ଲକଗୁଡିକର ନିଲାମ। ରାଜ୍ୟରେ ଖଣିଜ ଓ ଭୂତ୍ତ୍ୱ ନିର୍ଦ୍ଦେଶାଳୟ ଏବଂ ଲଘୁ ଖଣିଜ ନିର୍ଦ୍ଦେଶାଳୟର ପ୍ରତିଷ୍ଠା।

ପ୍ରଶାସନିତ ବ୍ୟବସ୍ଥାର ବିଭିନ୍ନ ସ୍ତରରେ ତଥ୍ୟର ବଢୁଥିବା ଚାହିଦାକୁ ପୂରଣ କରିବା ଏବଂ ପ୍ରଭାବଶାଳୀ ବିକେନ୍ଦ୍ରୀୟକରଣ ଯୋଜନା ସୁନିଶ୍ଚିତ କରିବା ନିମନ୍ତେ, ରାଜ୍ୟ ପରିସଂଖ୍ୟାନ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ପରିସଂଖ୍ୟାନ ଓ ଅର୍ଥନୀତି ସେବା ବର୍ଗ ଏବଂ ଓଡିଶା ଅଧସ୍ତନ ପରିସଂଖ୍ୟକ ଓ ଅର୍ଥୀନତି ସେବା ବର୍ଗର ପୁନର୍ଗଠନ ନିମିତ୍ତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।

ସେବା ବର୍ଗର ମଞ୍ଜୁରିପ୍ରାପ୍ତ ସଂଖ୍ୟା, ଶିକ୍ଷାଗତ ଯୋଗ୍ୟତା, ବେତନସ୍ତର ଏବଂ ପଦୋନ୍ନତି ନୀତିର ମୁଖ୍ୟ ସଂଶୋଧନଗୁଡିକ କ୍ୟାରିଅର ଅଭିବୃଦ୍ଧି, ନୂତନ ପ୍ରତିଭାଙ୍କୁ ଆକର୍ଷିତ କରିବା ଏବଂ କୁଶଳୀ ବୃତ୍ତିଗତମାନଙ୍କୁ ପରିସଂଖ୍ୟାନ ସେବାରେ ରଖିବା ପାଇଁ ଉଦ୍ଦିଷ୍ଟ, । ଯାହାଦ୍ୱାରା ପ୍ରଭାବଶାଳୀ ଯୋଜନା ପାଇଁ ଉଚ୍ଚ ଗୁଣାତ୍ମକ, ନିର୍ଭରଯୋଗ୍ୟ ପରିସଂଖ୍ୟାନ୍ ସଂଗ୍ରହ ସମ୍ଭବପୁର ହେବ ।ସହକାରୀ ନିର୍ଦ୍ଦେଶକ ଏବଂ ପରିସଂଖ୍ୟାନ ଅଧିକାରୀ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟ ସଂଶୋଧିକ ହୋଇଛି ଏବଂ ଏହି ଉଭୟ ପଦବୀ ପାଇଁ ନିଯୁକ୍ତି ଓଡ଼ିଶା ଲୋକବୋ ଆୟୋଗ ଦ୍ୱାରା ଏକକ ନିଯୁକ୍ତି ପରୀକ୍ଷା ମାଧ୍ୟମରେ କରାଯିବ ।ସହକାରୀ ନିର୍ଦ୍ଦେଶ, ପରିସଂଖ୍ୟାନ ଏବଂ ସହକାରୀ ପରିସଂଖ୍ୟାନ ଅଧିକାରୀଙ୍କ ପଦବୀରେ ପଦୋନ୍ନତି ଭିତ୍ତିକ ନିଯୁକ୍ତି ଏବଂ ପ୍ରତ୍ୟକ୍ଷ ନିଯୁକତିର ନିର୍ଦ୍ଧାରିତ ଅଂଶକୁ ପରିବର୍ତ୍ତନ କରାଯାଇଛି। ସହକାରୀ ନିର୍ଦ୍ଦେଶକ ପଦବୀ ସଂଖ୍ୟା ୮୧ ରୁ ୧୦୯, ପେ ଲେବଲ୍ ୧୧ରୁ ୧୨ ଓଆରଏସ୍‌ପି ନିୟମ,୨୦୧୭ ଅନୁସାରେ ସଂଶୋଧନ କରାଯାଇଛି। ପରିସଂଖ୍ୟାନ ଅଧିକାରୀ ପଦବୀ ସଂଖ୍ୟା ୧୭୨ ରୁ ୧୫୫କୁ ହ୍ରାସ କରାଯାଇଛି। ସହକାରୀ ପରିସଂଖ୍ୟାନ୍ ଅଧିନିୟମ ପଦବୀ ସଂଖ୍ୟା ଅପରିବର୍ତ୍ତିତ ରହିଛି।

କ୍ୟାବିନେଟ୍‌ଷର 'ମାନବମଳ ସଫାଇ କାର୍ଯ୍ୟରେ ଲିପ୍ତ ଶ୍ରମିକ ନିଯୁକ୍ତି, ଅପରିଷ୍କୃତ ପାଇଖାନାକୁ ହଟାଇବା ତଥା ସେହିଭଳି ପାଇଖାନାର ନୂତନ ନିର୍ମାଣ (ନିଷେଧ) ଅଧିନିୟମର ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ହୋଇଛି। ୧୯୯୩ ଅଧିନିମୟର ମୌଳିକ ଉଦ୍ଦେଶ୍ୟ ଗୁଚଡିକୁ ଅଧିକ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା ୨୦୧୩ ମସିହାରେ ମାନବମଳ ସଫାଇ କର୍ମଚାରୀ ନିଯୁକ୍ତି ନିଷେଧ ଓ ସମୋନଙ୍କ ପୁନର୍ବାସ ଅଧିନିୟମ, ୨୦୧୩ ପ୍ରଣୀତ ହେଲା ପରେ ୧୯୯୩ ଅଧିନିୟମର ଆବଶ୍ୟକତା ଅନୁଭୂତ ହେଉନାହିଁ। ତେଣୁ ଭାରତ ସରକାର ସମ୍ବିଧାନର ୨୫୨ ଧାରାଅନୁଯାୟୀ ୧୯୯୩ ଅଧିନିୟମର ପ୍ରତ୍ୟହାର ପାଇଁ ଏକ ସଂକଳ୍ପ ରାଜ୍ୟ ବିଧାନସଭାଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିବା ପାଇଁ ରାଜ୍ୟ ସରକାରଙ୍କକୁ ଅନୁରୋଧ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ..

ଆଜି ଆଉ ୬ଟି ବିଷୟ ନେଇ ମୁଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଖୋର୍ଦ୍ଧା ଜଟଣୀ, ବେଗୁନିଆ, ଦେଲାଙ୍ଗ ଲୋକଙ୍କ ଆରଓଆର ରହିଛି। ୧୫୬ଟି ଗାଁକୁ ଜଗନ୍ନାଥ ଜମି ଦିଆ ଯାଇଥିଲା। ୩୬ଟି ଗାଁର ପାଖାପାଖି ୧ଲକ୍ଷ ୨୦ ହଜାର ଲୋକେ ଜମି ପାଇବାରୁ ବଂଚତ ଅଛନ୍ତି। ୨୦୧୪ ମସିହାରେ କୋର୍ଟ ନିର୍ଦ୍ଦେଶ ଦେଇଥିଲା ଜମି ଦେବା ପାଇଁ । ଏହି ଜମି ତାଙ୍କୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।ଜଟଣୀରେ ନିର୍ମାଣ ହେବ ୫୬୮ ଭେଣ୍ଡିଙ୍ଗ ଜୋନ । ୧୬ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି।

ମୁଖ୍ୟମନ୍ତ୍ରୀଙ୍କୁ ଭୁବନେଶ୍ୱର ସାଂସଦଙ୍କ ୬ଟି ପ୍ରସ୍ତାବ ମଧ୍ୟରେ ଏହା ରହିଛି, ନନ୍ଦନକାନନ ରାସ୍ତାର ପ୍ରଶସ୍ତିକରଣ ହେଉ. ୨୦୦ ଫୁଟିଆ କରାଯାଉ ରାସ୍ତା। କଳ୍ପନାରୁ ରବି ଟକିଜକୁ ଫ୍ଲାଏ ଓଭର, ଶିଶୁ ଭବନ ଛକରୁ ମ୍ୟୁଜିୟମ ଛକ ଯାଏ ଫ୍ଲାଏ ଓଭର ହେଉ। ଏହି ପ୍ରକଳ୍ପ ଗୁଡ଼ିକର ଡିପିଆର ପ୍ରସ୍ତୁତ ହୋଇ ଜିଲ୍ଲାପାଳ, ବିଡିଏ ଓ ବିଏମସି ନିକଟକୁ ଯାଇ ସାରିଛି। କେବଳ ଆଗାମୀ ପଦକ୍ଷେପକୁ ଅପେକ୍ଷା।

ଭୁବନେଶ୍ୱର ବାହାରେ ଏକ ରିଙ୍ଗ ରୋଡ୍ ପ୍ରକଳ୍ପ କରାଯାଉ। ୧୪୮ କିମି ଲମ୍ବ ବିଶିଷ୍ଟ ପ୍ରସ୍ତାବିତ ରିଙ୍ଗ ରୋଡ୍ ପାଇଁ ଦାବି ହୋଇଛି। ଏହି ରିଂ ରୋଡ ,ରାଜଧାନୀ ଉପକଣ୍ଠ ଅଂଚଳକୁ ସଂଯୋଗ କରିବ, ରାଜଧାନୀରେ ଟ୍ରାଫିକ ସମସ୍ୟା ଦୂର କରିବା ସହ ଯୋଗାଯୋଗକୁ ଅତି ସୁଦୃଢ଼ କରିବ। ଦୟା ପଶ୍ଚିମ କେନାଲ ଓ ସଂଯୋଗ କରୁଥିବା ରାସ୍ତାର ଉନ୍ନତି କରଣ। ସହିଦନଗର ହାଟର ଜମି ଅଧିଗ୍ରହଣ ପାଇଁ ସୁପାରିଶ ଓ , ହାଟର ଉନ୍ନତିକରଣ ପାଇଁ ଯୋଜନା ଏବଂ ନୟାପଲ୍ଲୀରେ ବରିଷ୍ଠ ନାଗରିକଙ୍କ ପାଇଁ କମ୍ୟୁନିଟି ହଲର ନିର୍ମାଣ।

ରାଜଧାନୀ ଭୁବନେଶ୍ୱରର ବିକାଶ ହେଲେ, ଏହା ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର, କ୍ଷମତାକୁ ଆସିବା ପରଠାରୁ ଆକ୍ସନ ମୋଡରେ ବିଭିନ୍ନ ଉନ୍ନତିକରଣ କାର୍ଯ୍ୟକୁ ହାତକୁ ନେଇଛନ୍ତି । ସାଧାରଣ ଲୋକଙ୍କ ସରକାର, ବିଜେପି ସରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ଅବସରରେ ଭୁବନେଶ୍ୱରର ବର୍ଷ ବର୍ଷ ଧରି ସାଧାରଣ ଜନତାଙ୍କ ବିଭିନ୍ନ ଦାବିକୁ ପ୍ରସ୍ତାବ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଁଚାଇବାରେ, ଭୁବନେଶ୍ୱର ସାଂସଦ ବଡ଼ ଭୂମିକା ଗ୍ରହଣ କରିଛନ୍ତି । ବିଶେଷ କରି ଏହି ୬ଟି ପ୍ରସ୍ତାବ କାର୍ଯ୍ୟକ୍ଷମ ହେଲେ, ରାଜଧାନୀ ଭୁବନେଶ୍ୱରରେ ବହୁ ଗୁଣରେ ଟ୍ରାଫିକ ସମସ୍ୟା ଦୂର ହେବା ସହିତ, ଯୋଗାଯୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ।

### ୬.୬୬ ଲକ୍ଷ...

ଦେଶର ଅର୍ଥନୀତିକୁ ବଂଚାଇ ସମସ୍ତଙ୍କ ମୁହଁରେ ଆହାର ଦେଇଥିଲେ । ଏହି ମହତ କାର୍ଯ୍ୟ ପାଇଁ ଆପଣ ସମସ୍ତେ ଧନ୍ୟବାଦ ଏବଂ ପ୍ରଶଂସାର ପାତ୍ର ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଦୁଇ ଦଶନ୍ଧିରେ କେବଳ ଚାଉଳକୁ ଛାଡିଦେଲେ ଅନ୍ୟ କୌଣସି କୃଷି ଉତ୍ପାଦରେ ଆମେ ସ୍ୱାବଲମ୍ବୀ ହୋଇପାରି ନାହୁଁ । ଆଳୁ, ପିଆଜ, ଟମାଟୋ ଭଳି ବିଭିନ୍ନ ପନିପରିବା ଏବଂ ମାଛ, ଅଣ୍ଡା ପାଇଁ ଆମକୁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ମୁଁ ଦୃଢ ଭାବେ କହିପାରିବି ଯେ ଉତ୍ତମ ଯୋଜନା ଏବଂ ଇଚ୍ଛା ଶକ୍ତିର ଟିକେ ଅଧିକ ପ୍ରୟୋଗ କରିଥିଲେ, କୃଷି ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ ହୋଇପାରିଥାନ୍ତା । ଓଡିଶାରେ କୃଷି ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ତେଣୁ, ଆମ ସରକାର ପ୍ରାଥମିକତା ଭିତ୍ତିରେ କୃଷି ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି । ଜଳ ସେଚନ, ଶୀତଳ ଭଣ୍ଡାର, ମଡେଲ ମଣ୍ଡି ଏବଂ ଗୋଦାମ ଗୃହ ନିର୍ମାଣ, କୃଷି ଯନ୍ତ୍ରପାତି ଉପଲବ୍ଧତା ଉପରେ ଆମ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'କୃଷି ଓଡିଶା ୨୦୨୫' ର ମୁଖ୍ୟ ବିଷୟ ବସ୍ତୁ ହେଉଛି 'ଚିରନ୍ତନ ଖାଦ୍ୟ ପ୍ରଣାଳୀ ପାଇଁ ଏକ ପ୍ରୟାସ' । ସେ କହିଲେ ଯେ, ଯଦି ଆମର ଖାଦ୍ୟ ପ୍ରଣାଳୀ ଚିରନ୍ତନ ହେବ, ତେବେ ଆମର ଜନସାଧାରଣ ଖାଦ୍ୟାଭାବର ସମ୍ମୁଖୀନ ହେବେ ନାହିଁ କିମ୍ବା ପରିବେଶ ଉପରେ କୌଣସି କୁପ୍ରଭାବ ପଡିବ ନାହିଁ । ଆମକୁ ଆର୍ଥିକ ଦକ୍ଷତା ଅପେକ୍ଷା ଜୀବନ ଦକ୍ଷତା ଉପରେ ବେଶୀ ଯତ୍ନବାନ ହେବାକୁ ପଡିବ । କୃଷି, କେବଳ ଫସଲ ଉତ୍ପାଦନ ନୁହେଁ, ବରଂ ମାଟି, ପାଣି, ପବନ ଓ ଏହା ଉପରେ ଜୀବନ ଧାରଣ ପାଇଁ ନିର୍ଭରଶୀଳ ସମସ୍ତ ପଦାର୍ଥ ପ୍ରତି ଯତ୍ନବାନ ହେବା ଉଚିତ୍ । ଏହା ଦ୍ୱାରା ଆମର ଚାଷୀଭାଇଙ୍କ ଆର୍ଥିକ ସ୍ଥିତି ସବୁ ଦିନ ପାଇଁ ସୁଦୃଢ ରହିବ ବୋଲି ସେ ମତ ଦେଇଥିଲେ ।

ସରକାରଙ୍କ ସହିତ ବିଭିନ୍ନ ବେସରକାରୀ ସଂସ୍ଥା ଓ କୃଷକ ସମବାୟ ସମିତିର ସହଯୋଗରେ ଓଡ଼ିଶାରେ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ, ଏହା ଦ୍ୱାରା ଆମର ପରିବେଶ ଓ ଅର୍ଥନୀତି ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇପାରିବ । ପରିବେଶ ସୁରକ୍ଷା ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଲେ ଯେ, ଓଡିଶାରେ ବଳଭଦ୍ର ଜୈବିକ ଚାଷ ମିଶନରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକ ଏବଂ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ରସାୟନମୁକ୍ତ ପ୍ରାକୃତିକ ଚାଷ ପ୍ରଚଳନ କରାଯିବ। ମୃତ୍ତିକାର ଜୈବିକ ଅଙ୍ଗାର ବୃଦ୍ଧି ନିମନ୍ତେ ରାଜ୍ୟରେ ମୃତ୍ତିକା ସ୍ୱାସ୍ଥ୍ୟ ମିଶନ୍ ମଧ୍ୟ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ । କୃଷି ବିକାଶ ଓ କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାର ନେଉଥିବା ଅନେକ ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଥିଲେ ଯେ, ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ୍ ସହାୟତା ଯୋଗାଇ ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୯୩ ହଜାର ଚାଷୀଙ୍କୁ ୩ ହଜାର କୋଟିରୁ ଅଧିକ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ଓ ୧ ହଜାର କୋଟି ଟଙ୍କାର ଇନପୁଟ୍ ସହାୟତା ପ୍ରଦାନ କରାଯାଇ ସାରିଛି ।

ସେହିପରି ସି.ଏମ – କିଷାନ ଯୋଜନାରେ ୪୫ ଲକ୍ଷ ୫୭ ହଜାର ୭୩୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୩୯ ହଜାର ୩୦୩ ଜଣ ଭୂମିହୀନ କୃଷି ପରିବାରକୁ ରବି ଫସଲ ପାଇଁ ୯୨୫ କୋଟିରୁ ଅଧିକ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ ।ପି.ଏମ.କିଷାନ ଯୋଜନାରେ ପ୍ରତ୍ୟେକ ଭୂମିଧାରୀ ଚାଷୀଙ୍କ ପାଇଁ ତିନୋଟି କିସ୍ତିରେ ବାର୍ଷିକ ୬୦୦୦ ଟଙ୍କାର ଆର୍ଥିକ ସହାୟତା ଦିଆଯାଉଛିଓ ଗତ ଅକ୍ଟୋବର ମାସ ୫ ତାରିଖରେ ପ୍ରଦାନ କରାଯାଇଥିବା ପି.ଏମ୍ କିଷାନ ଯୋଜନାର ୧୮ତମ କିସ୍ତିରେ ରାଜ୍ୟର ୩୧ ଲକ୍ଷ ୫୧ ହଜାର ଜଣ ଚାଷୀ ଉପକୃତ ହୋଇଛନ୍ତି କ୍ଷ ଏଥିରେ ଅଧିକ ଚାଷୀଙ୍କୁ ଯୋଡିବା ପାଇଁ ଏକ ସ୍ୱତନ୍ତ୍ର ସାଚୁରେସନ ଡ୍ରାଇଭ୍ ଆରମ୍ଭ କରାଯାଇ ୩.୬୨ ଲକ୍ଷ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଆଳୁ ଚାଷ ଉପରେ ଆଲୋକପାତ କରି ସେ କହିଲେ ଯେ, ରାଜ୍ୟରେ ଆଳୁ ଚାଷକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର । ଚଳିତ ରବି ଋତୁରେ ୧.୮୦ ଲକ୍ଷ ଚାଷୀଙ୍କୁ ରିହାତି ଦରରେ ୧.୬୦ ଲକ୍ଷ କ୍ୱିଂଟାଲ ପ୍ରାମାଣିକ ଆଳୁ ବିହନ ଯୋଗାଇ ଦିଆଯାଇଛି । ଏହା ବିଗତ ବର୍ଷଠାରୁ ୩ ଗୁଣ ଅଧିକ । ଚଳିତ ବର୍ଷ ୨.୪ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କଳାହାଣ୍ଡିର ସବ୍‌ଜି କ୍ରାନ୍ତି ଉପରେ ଆଲୋକପାତ କରି ସେ କହିଲେ ଯେ, ନିକଟରେ ମାନ୍ୟବର ପ୍ରଧାନମନ୍ତ୍ରୀ ତାଙ୍କର ଲୋକପ୍ରିୟ "ମନ୍ କୀ ବାତ୍" କାର୍ଯ୍ୟକ୍ରମରେ କଳାହାଣ୍ଡିର ସବ୍‌ଜି କ୍ରାନ୍ତି ଉପରେ ଆଲୋଚନା କରି ଖୁବ୍ ପ୍ରଶଂସା କରିଥିଲେ । କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ଥିବା ଏକ କୃଷକ ଉତ୍ପାଦକ ଗୋଷ୍ଠୀ ଟମାଟୋ, କଲରା ଇତ୍ୟାଦି ଚାଷରୁ ବାର୍ଷିକ ଦେଢ କୋଟି ଟଙ୍କାର କାରବାର କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଏହି କୃଷକ ଉତ୍ପାଦକ ଗୋଷ୍ଠୀ ଓ ଏଥିରେ ଜଡ଼ିତ ଥିବା ୨୦୦ ରୁ ଅଧିକା ଚାଷୀ ଏବଂ ୪୫ ଜଣ ମହିଳା ଚାଷୀଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ଆମେ ସମୃଦ୍ଧ ଓଡିଶା ଓ ବିକଶିତ ଓଡିଶାର ଭିଜନ ପ୍ରସ୍ତୁତ କରୁଛୁ। କୃଷି କ୍ଷେତ୍ରରେ ଆମର ସର୍ବାଧିକ ଲୋକ ନିୟୋଜିତ ଅଛନ୍ତି। ତେଣୁ ଓଡିଶାକୁ ସମୃଦ୍ଧ କରିବା ପାଇଁ କୃଷି କ୍ଷେତ୍ରର ବିକାଶ ଅତ୍ୟନ୍ତ ଆବଶ୍ୟକ। ଯାହା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ଓଡିଶାକୁ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ କରିବା । ଏଥିପାଇଁ ଆମ ସମସ୍ତଙ୍କର ମିଳିତ ଉଦ୍ୟମ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ଅତିଥି ମାନେ କୃଷି କ୍ଷେତ୍ରରେ ସଫଳତା ହାସଲ କରିଥିବା ରାଜ୍ୟର ୧୦ଜଣ ସଫଳ ଚାଷୀ ଓ ୯ଜଣ ଉଦ୍ୟାନ କୃଷି ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଭାଗ ପକ୍ଷରୁ ପ୍ରକାଶିତ 'ଅମଳ ଉତ୍କଳ' ପୁସ୍ତକ, ଇମେଜର ଅଫିସିଆଲ ୱେବସାଇଟ୍ ଉନ୍ମୋଚନ କରାଯାଇଥିଲା । ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଆମେ ରାଜ୍ୟର କୃଷକ ମାନଙ୍କୁ କୁଇଂଟାଲ ପିଛା ୨୩୦୦ ଟଙ୍କା ଉପରେ ଅତିରିକ୍ତ ଇନପୁଟ ସହାୟତା ୮୦୦ ଟଙ୍କା ପ୍ରଦାନ କରୁଛୁ । ପଶ୍ଚିମବଙ୍ଗର ଆଳୁ ଉପରେ ମନମାନିକୁ ଦେଖି ଆମେ ରାଜ୍ୟରେ ଚାଷୀମାନଙ୍କୁ ଉନ୍ନତ ମାନର ଆଳୁ ବିହନ ଯୋଗାଇ ଦେଇଛୁ । ରାଜ୍ୟରେ ୫୮ଟି ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ । ରାଜ୍ୟର କୃଷକ ମାନଙ୍କୁ କେବଳ ଧାନ ଉପରେ ନିର୍ଭର ନକରି ନୂଆ ଟେକନିକ୍ ପ୍ରୟୋଗରେ ଅନ୍ୟାନ୍ୟ ଫସଲ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

କୃଷି ଓ କୃଷକ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ପ୍ରାୟ ୧୦ହଜାର କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, କୃଷି ବିଜ୍ଞାନୀ, କୃଷି ଉତ୍ପାଦନ ସଂସ୍ଥାର ପ୍ରତିନିଧି, ଗବେଷକ ଓ ଛାତ୍ରଛାତ୍ରୀ ଏହି ତିନି ଦିନିଆ କୃଷି ଓଡିଶା କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । କାର୍ଯ୍ୟକ୍ରମରେ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ୍ ଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଲଦାଖରେ...

ନିକଟରେ ଅଭିଯୋଗ କରିଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆ ।ଯାଇଛି। ଡିସେମ୍ବର ୨୭ରେ ଚ଼ଇନାର ସରକାରୀ ଗଣମାଧ୍ୟମ କହିଥିଲା ଯେ ଉତ୍ତରପଶ୍ଚିମ ଚ଼ଇନାର ଜିନଜିଆ ।ଙ୍ଗ ଉଇଗୁର ସ୍ୱଂୟ ଶାସିତ ରିଜନର ସରକାର ଉକ୍ତ ଅଞ୍ଚଳରେ ଦୁଇଟି କାଉଣ୍ଟୀ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ହେନ କାଉଣ୍ଟୀ ଓ ହେକାଙ୍ଗ କାଉଣ୍ଟୀ ପ୍ରତିଷ୍ଠା ହେବ। ଚ଼ଇନାର ସେଣ୍ଟ୍ରାଲ କମିଟି ଓ ରାଜ୍ୟ ପରିଷଦ ଏହି ଦୁଇ କାଉଣ୍ଟୀକୁ ଅନୁମତି ଦେଇଛି। ଏହାକୁ ହୋଟାନ ପ୍ରିଫେକଚର ଦ୍ୱାରା ପରିଚ଼ଳନା କରାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା।

ଏ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ତଥାକଥିତ କାଉଣ୍ଟୀର କିଛି ଅଂଶ ଲଦାଖ ଭିତରେ ପଡୁଛି। ଭାରତ କେବେ ହେଲେ ଏପରି ବେଆ ।ଇନ ଚ଼ଇନିଜ ଦଖଲକୁ ଗ୍ରହଣ କରିପାରିବ ନାହିଁ। ହୋଟାନ ପ୍ରିଫେକଚର ଅଫ ଚ଼ଇନାରେ ୨ଟି କାଉଣ୍ଟୀ ଘୋଷଣା ଖବର ଆ ।ମ ପାଖରେ ପହଞ୍ଚିଛି। ନୂଆ। କାଉଣ୍ଟୀ ଘୋଷଣା କରିଦେଲେ ଯେ ଉକ୍ତ ଅଞ୍ଚଳରେ ଭାରତର ସାର୍ବଭୌମ ଅଧିକାର ଉପରେ ଏହାର କୌଣସି ପ୍ରକାରର ପ୍ରଭାବ ପଡ଼ିବ ନାହିଁ। କିମ୍ବା ସେହି ଅଞ୍ଚଳକୁ ଚ଼ଇନାର ବଳପୂର୍ବକ ଦଖଲ ପ୍ରକ୍ରିୟାକୁ କେବେ ହେଲେ ଆ ।ଇନଗତ ମାନ୍ୟତା ଦେବ ନାହିଁ। ଏ ସମ୍ପର୍କରେ ଭାରତ ପକ୍ଷରୁ କୂଟନୀତିକ ଚ୍ୟାନେଲ ଜରିଆ ।ରେ ଚ଼ଇନାକୁ ଅବଗତ କରିଦିଆ ।ଯାଇଛି ବୋଲି ସେ କହିଛନ୍ତି। ବ୍ରହ୍ମପୁତ୍ର ପାଣିକୁ ଅଟକାଇବା ପାଇଁ ଚ଼ଇନା ଗୋଟିଏ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ତିଆ ।ରି କରୁଥିବା ଖବର ଉପରେ ମଧ୍ୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମତ ରଖିଛନ୍ତି। ଏ ସମ୍ପର୍କରେ ଭାରତ ନିଜ ମତାମତ ଚ଼ଇନାକୁ ଜଣାଇ ସାରିଥିବା ମୁଖପାତ୍ର ଜୈସୱାଲ କହିଛନ୍ତି।

### ନୂଆପଡ଼ା...

ଛତିଶଗଡ଼ର ଇଣ୍ଡାଗାଓ ଥାନା ଅଧୀନ ଅତଙ୍ଗ ଜଙ୍ଗଲରେ ଏହି ଏନକାଉଣ୍ଟର ହୋଇଥିଲା, ଯାହାକି ନୂଆ ।ପଡ଼ା ସୀମାରୁ ମାତ୍ର ୮କିମି ଥିଲା।

ରିପୋର୍ଟ ଲେଖାଯିବା ବେଳକୁ ସୁରକ୍ଷା ବାହିନୀର ସର୍ଚ୍ଚଅପରେସନ୍ ଜାରି ରହିଛି। ନିହତ ନକ୍ସଲଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆ ।ଶା କରାଯାଉଛି। ଗତବର୍ଷ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ୨୦୨୬ ସୁଦ୍ଧା ଦେଶରୁ ନକ୍ସଲ ଶେଷ କରିବାକୁ ହେବ। ଏହି କ୍ରମରେ କେନ୍ଦ୍ରୀୟ ପୁଲିସ ବଳ ସହିତ ମିଶି ରାଜ୍ୟ ପୁଲିସ କାମ କରୁଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଦିଆ ।ଯାଇଛି। ଅନ୍ୟପଟରେ ନକ୍ସଲମାନେ ମଧ୍ୟ ଧୀରେଧୀରେ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଚ଼ହୁଁଛନ୍ତି। ସେଥିପାଇଁ ଆ ।ତ୍ମସମର୍ପଣ କରି ସାଧାରଣ ଜୀବନଯାପନ ପାଇଁ ଆ ।ଗ୍ରହ ପ୍ରକାଶ କରୁଛନ୍ତି।

### ଅଲ୍ଲୁ...

ଏହି ଘଟଣା ସାରା ଦେଶରେ ଚର୍ଚ୍ଚାର ଅନ୍ୟତମ ପ୍ରମୁଖ ପ୍ରସଙ୍ଗ ପାଲଟିଥିବାବେଳେ ଏହାକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଥିଲା।

# ସିଡ୍‌ନୀରେ ପୁଣି ଭାରତ ବିଫଳ : ୧୮୫ରେ ଅଲ୍‌ଆଉଟ୍

## ଅଷ୍ଟ୍ରେଲିଆ ପେସ୍‌ରଙ୍କ ବୋଲିଂରେ ଘାଇଲା ହେଲେ ପ୍ରମୁଖ ବ୍ୟାଟର





ସିଡନୀ,୩।୧ : ପ୍ରଥମେ ପର୍ଥରେ ବ୍ୟାଟର ନିରାଶ କଲେ। କିନ୍ତୁ ବୋଲରଙ୍କ ଦମରେ ଭାରତ ଚମତ୍କାର ଢଙ୍ଗରେ ମ୍ୟାଚ୍ ଜିତି ନେଲା। ଏହାପରେ ପିଙ୍କ ବଲ ଟେଷ୍ଟରେ ବ୍ୟାଟର ପୁଣି ହାତ ଟେକି ଦେଲେ। ଭାରତ ୧୦ ୱିକେଟରେ ହାରିଲା। ତୃତୀୟ ଟେଷ୍ଟରେ ମଧ୍ୟ ଭାରତ ହାରିବାର ଯଥେଷ୍ଟ ଆଶଙ୍କା ରହିଥିଲା। କିନ୍ତୁ ବର୍ଷା ଦଳକୁ ବଞ୍ଚାଇ ଦେଲା। ମ୍ୟାଚ୍ ଡ୍ରରେ ଶେଷ ହେଲା। ୪ର୍ଥ ଟେଷ୍ଟରେ ପୁଣି ସମାନ ଘଟଣା ଘଟିଲା। ବ୍ୟାଟରଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ଡ୍ର ହେବାକୁ ଯାଉଥିବା ମ୍ୟାଚ୍‌କୁ କବଜା କରିଥିଲା ।ଏହି ବିଜୟ ସହ କଙ୍ଗାରୁ ଟିମ ବର୍ଡର-ଗାଭାସ୍କର ଟ୍ରଫିରେ ୨-୧ରେ ଆଗୁଆ ହୋଇଗଲା।

୫ମ ତଥା ଶେଷ ଟେଷ୍ଟରେ ଭାରତୀୟ ଟିମ ନିଜର ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ ଦେଲା। ଯଶପ୍ରୀତ ବୁମ୍ରା କମାଣ ସମ୍ଭାଳିଲେ ।କିନ୍ତୁ ସିଡନୀ ଟେଷ୍ଟର ପ୍ରଥମ ଇନିଂସରେ ବ୍ୟାଟରମାନେ ପୁଣି ନିରାଶ କରିଛନ୍ତି। ଭାରତୀୟ ଟିମ ପ୍ରଥମ ଇନିଂସରେ ମାତ୍ର ୧୮୫ ରନ କରି ଅଲଆଉଟ ହୋଇଯାଇଛି।

ଦଳ ପକ୍ଷରୁ ଋଷଭ ପନ୍ତ ସର୍ବାଧିକ ୪୦ ରନ କରିଥିବା ବେଳେ ଶେଷ ଭାଗରେ ଅଧିନାୟକ ବୁମରା ୨୨ ରନର ଇନିଂସ ଖେଳିବାରୁ ଦଳ ୧୮୫ କରିବାକୁ ସକ୍ଷମ ହୋଇଛି ।ଅଧିନାୟକ ବଦଳିଥିଲେ ହେଁ ଭାରତୀୟ ଟିମର ଭାଗ୍ୟ ବଦଳି ନାହିଁ।

ରୋହିତ ଶର୍ମା ଖରାପ ଫର୍ମ ଦେଇ ଗତି କରୁଥିବାରୁ ଆଜି ସେ ନିଜ ଆଡୁ ଚୂଡ଼ାନ୍ତ ଏକାଦଶରୁ ଓହରି ଯାଇଥିଲେ। ତାଙ୍କ ବଦଳରେ ଶୁବମନ ଗିଲ ସୁଯୋଗ ପାଇଥିଲେ। କିନ୍ତୁ ସେ ବି ଆଜି କିଛି ଖାସ କରି ନାହାନ୍ତି। ବିରାଟ କୋହଲି ପୁଣିଥରେ ଫେଲ ମାରିଛନ୍ତି ।କେଏଲ ରାହୁଲ କେବଳ ୪ ରନ କରିବାକୁ ସକ୍ଷମ ହୋଇଛନ୍ତି।

ଭାରତ ପ୍ରଥମ ଇନିଂସରେ ୧୮ ରନ କରିବା ପରେ ଅଷ୍ଟ୍ରେଲିଆ। ଆଜି ପ୍ରଥମ ଦିନରେ ୩ ଓଭର ବ୍ୟାଟିଂ କରିଛି। ଏହି ୩ ଓଭର ବେଶ ନାଟକୀୟ ରହିଥିଲା। ସାମ କୋନଷ୍ଟାସ ଓ ଯଶପ୍ରୀତ ବୁମ୍ରାଙ୍କ ମଧ୍ୟରେ ବେଶ ଟକ୍କାରି ଟକ୍କରି ହୋଇଛି। ଦିବସର ଶେଷ ବଲରେ ବୁମ୍ରା ଓପନର ଉସମାନ ଖ୍ୱାଜା(୨)ଙ୍କୁ ଆଉଟ କରି ଭାରତୀୟ କ୍ୟାମ୍ପରେ ଖୁସି ଭରି ଦେଇଛନ୍ତି ।କୋନଷ୍ଟାସ ୭ ରନ କରି ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆ। ଷ୍ଟମ୍ପ ଅପସାରଣ ବେଳକୁ ୧ ୱିକେଟ ହରାଇ ୯ ରନ କରିଛି।

ସିଡ୍‌ନୀର ଗ୍ରାସୀ ପିଚ୍‌ରେ ଟସ୍ ଜିତି ବୁମ୍ରା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ହେଲେ ଭାରତୀୟ ବ୍ୟାଟରମାନେ ଆଦୌ କମାଲ କରି ପାରି ନଥିଲେ ରାହୁଲ(୪)ଙ୍କୁ ଆଉଟ କରି ମିଚେଲ ଷ୍ଟାର୍କ ଭାରତକୁ ପ୍ରଥମ ଝଟକା ଦେଇଥିଲେ। ଏହାପରେ ୧୦ ରନ କରିଥିବା ଯଶସ୍ୱୀ ଜୈସାଲଙ୍କୁ ସ୍କଟ ବୋଲାଣ୍ଡ ଆଉଟ କରିଥିଲେ। ବିରାଟ କୋହଲି ପ୍ରଥମ ବଲରେ ଆଉଟ ହେବାର ଆଶଙ୍କା ପ୍ରକାଶ ପାଇଥିଲା। ସ୍ଲିପରେ ଫିଲ୍ଡିଂ କରିଥିବା ଷ୍ଟିଭ ସ୍ମିଥ କ୍ୟାଚ୍ ଧରି ଅପିଲ ମଧ୍ୟ କରିଥିଲେ। ହେଲେ ତୃତୀୟ ଅମ୍ପାୟାରଙ୍କ ନିଷ୍ପତ୍ତି ଯୋଗୁ ସେ ବର୍ତ୍ତି ଯାଇଥିଲେ ।ଶୁବମନ ଗିଲଙ୍କୁ ସାଥୀ କରି ସେ ଲଞ୍ଚ ଯାଏ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଲଞ୍ଚର ଶେଷ ବଲରେ ହିଁ ୨୦ ରନ କରିଥିବା ଗିଲଙ୍କୁ ନାଥନ ଲାୟନ ଆଉଟ କରି ଭାରତକୁ ତୃତୀୟ ଝଟକା ଦେଇଥିଲେ। ଲଞ୍ଚ ପରେ ବିରାଟ ୧୭ ରନ କରି ପୁଣିଥରେ ବୋଲାଣ୍ଡଙ୍କ ଶିକାର ବନିଥିଲେ। ତେବେ ଋଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ଟି ଯାଏ ଆଉ କୌଣସି ବିପର୍ଯ୍ୟୟ ନ ଘଟାଇ ଦଳୀୟ ସ୍କୋରକୁ ୧୦୭ରେ ପହଞ୍ଚାଇ ଦେଇଥିଲେ।

ପନ୍ତ ଟି ପରେ ମଧ୍ୟ ଭଲ ଲୟରେ ଦେଖାଯାଉଥିଲେ। କିନ୍ତୁ ବୋଲାଣ୍ଡଙ୍କୁ ବଡ଼ ଶଟ ମାରିବାକୁ ଯାଇ ସେ ପାଟ କମିନ୍ସଙ୍କ ହାତରେ ଧରାପଡ଼ି ଯାଇଥିଲେ। ପରବର୍ତ୍ତୀ ବଲରେ ନୀତୀଶ କୁମାର ରେଡ୍ଡୀ ତାଙ୍କ ଶିକାର ବନିଥିଲେ ଦଳୀୟ ସ୍କୋର ୧୩୪ ଥିବା ବେଳେ ରବୀନ୍ଦ୍ର ଜାଡେଜା(୨୬) ଓ ୧୪୮ ରନ ଥିବା ବେଳେ ୱାଶିଂଟନ ସୁନ୍ଦର(୧୪) ପ୍ୟାଭିଲିୟନ ଫେରିଥିଲେ। ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ କେବଳ ୩ ରନ କରିବାକୁ ସକ୍ଷମ ହୋଇଥିଲେ।

୧୬୮ ରନରେ ଭାରତ ୯ମ ୱିକେଟ ହରାଇଥିଲାଫ ଏତିକି ବେଳେ ମହମ୍ମଦ ସିରାଜଙ୍କୁ ସାଥୀ କରି ବୁମ୍ରା ଦଳ ପାଇଁ କିଛି ରନ ସଂଗ୍ରହ କରିଥିଲେ। ଶେଷରେ ସେ ୨୨ ରନ କରି କମିନ୍ସଙ୍କ ବଲରେ ଆଉଟ ହୋଇଥିଲେ ବୁମରା ଆଉଟ ହେବା ସହ ଭାରତର ପ୍ରଥମ ଇନିଂସ ୧୮୫ ରନରେ ଅଟକି ଯାଇଥିଲା।

ଅଷ୍ଟ୍ରେଲିଆ। ପକ୍ଷରୁ ବୋଲାଣ୍ଡ ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ମିଚେଲ ଷ୍ଟାର୍କ ୩ଟି, ପାଟ କମିନ୍ସ ୨ଟି ଓ ନାଥନ ଲାୟନ ଗୋଟିଏ ୱିକେଟ ପାଇଛନ୍ତି।

### ଜିଲ୍ଲାସ୍ତରୀୟ ସିନିୟର ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଗୋପବନ୍ଧୁ କ୍ରିକେଟ କ୍ଲବ ବିଜୟୀ







କେନ୍ଦ୍ରାପଡ଼ା,୩।୧ : କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ତ୍ରୟୋଦଶ ମ୍ୟାଚ୍‌ରେ ଗୋପବନ୍ଧୁ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଶୁକ୍ରବାର ଦିନ ଆଳି କ୍ରିକେଟ ଓ ସ୍ପୋର୍ସ କାଉନ୍‌ସିଲ ଏବଂ ଗୋପବନ୍ଧୁ କ୍ରିକେଟ କ୍ଲବ ମଧ୍ୟରେ ସୁପର ଲିଗ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗୋପବନ୍ଧୁ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୩୭.୪ ଓଭରରେ ୧୦ ୱିକେଟ୍ ବିନିମୟରେ ୨୫୯ ରନ୍ କରିଥିଲା । ଜବାବରେ ଆଳି କ୍ରିକେଟ ଓ ସ୍ପୋର୍ସ କାଉନ୍‌ସିଲ ୩୨ ଓଭରରେ ୧୦ ୱିକେଟ୍ ୧୫୪ ରନ୍ କରିଥିଲା। ଫଳରେ ଗୋପବନ୍ଧୁ କ୍ରିକେଟ କ୍ଲବ ୧୦୫ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଗୋପବନ୍ଧୁ କ୍ରିକେଟ କ୍ଲବର ଆଳିର ଆକାଶ ଚନ୍ଦ୍ର ନାୟକ ୨୩ଟି ଚୌକା ଓ ୫ଟି ଛକା ମାରି ୧୨୧ ବଲ୍‌ରେ ୧୭୫ରନ୍ କରି ମ୍ୟାନ ଅଫ ମ୍ୟାଚ୍ ହୋଇଥିଲେ। ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତି ଶ୍ରୀ ନାୟକଙ୍କୁ ମ୍ୟାନ ଅଫ ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଗୋପବନ୍ଧୁ କ୍ରିକେଟ କ୍ଲବର ଗୋବିନ୍ଦ ପଟ୍ଟନାୟକ ୭ ଓଭର ବୋଲିଂ କରି ୨୩ରନ ଦେଇ ୫ଟି ୱିକେଟ୍ ନେଇଥିବାରୁ ଅନୁପ କୁମାର ରାଉତ ଅତିଥି ଭାବେ ଯୋଗ ଦେଇ ସମ୍ମାନୀତ କରିଥିଲେ । ବିଶ୍ୱଜିତ ଅଧିକାରୀ ଓ ଲଳିତେଣ୍ଡୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । ଆନନ୍ଦ ବେହେରା ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ । ବରଦା କାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ । ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦିପକ କୁମାର ବାରିକ, ସମିର ମହାପାତ୍ର ଏହି ଖେଳକୁ ପରିଚାଳନା କରିଥିଲେ । ସୂଚନା ଯୋଗ୍ୟ ଯେ ଅଦିନିଆ ବର୍ଷା ଯୋଗୁ ଗତ ୯ଦିନ ହେବ ଖେଳ ବାତିଲ କରାଯାଇଥିଲା ।

### ପାରାଦୀପ ବନ୍ଦର ୬୪ ତମ ପ୍ରତିଷ୍ଠା ଦିବସରେ ମାରାଥନ ଦୌଡ଼ ପ୍ରତିଯୋଗିତା

## ଅଶୋକ ଦଣ୍ଡସେନ ଓ ସସ୍ମିତା ଟୀଗା ଚାମ୍ପିଅନ୍

ପାରାଦୀପ,୩।୧ ପାରାଦୀପ ବନ୍ଦର ର ୬୪ ତମ ପ୍ରତିଷ୍ଠା ଦିବସରେ ଗୋପବନ୍ଧୁ କ୍ରୀଡା ସଂସଦ ଆନୁକୂଲ୍ୟରେ ୨୦ତମ ମାରାଥନ ଦୌଡ ପ୍ରତିଯୋଗିତା ଜାନୁଆରୀ ୩ ତାରିଖ ବୁଧବାର ଦିନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମାନିତ ଅତିଥି ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କ ଉପସ୍ଥିତି ରେ ସକାଳେ ହନୁମାନ ମନ୍ଦିର ଛକ ଠାରେ ଏହି ମାରାଥନ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।




ଏହି ମାରାଥନ ବନ୍ଦର ସହର ର ୧୪ କିଲୋମିଟର ପଥ ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିଅମ ଠାରେ ସମାପ୍ତ ହୋଇଥିଲା। ତେବେ ସହରର ବିଭିନ୍ନ ମାର୍ଗ ଅତିକ୍ରମ କଲାବେଳେ ଛକ ମାନଙ୍କରେ ବିଭିନ୍ନ ସଂଗଠନ, ଅନୁଷ୍ଠାନ ଓ ବନ୍ଦର ଅନ୍ତେବାସୀମାନେ କ୍ରୀଡ଼ାବିତ ଙ୍କୁ ଉତ୍ସାହିତ କରୁଥିବା ଏବଂ ପାନୀୟ ଜଳ ଯୋଗାଇ ଦେଉଥିବାର ଦେଖିବାକୁ ମିଳିଥିଲା । ଏହି ଚର୍ଚ୍ଚିତ ପ୍ରତିଯୋଗିତାରେ ଓଡିଶା ସମେତ ରାଜ୍ୟ ବାହାରର ୩୨୫ ପୁରୁଷ ଓ ୬୩ ମହିଳା ସର୍ବମୋଟ ୩୮୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ରେ ପୁରୁଷ ବର୍ଗରେ ଓଡିଶା ପୋଲିସର ଅଶୋକ ଦଣ୍ଡସେନ ୪୧ ମିନିଟ ୫୧.୧ ସେକେଣ୍ଡ ମଧ୍ୟରେ ନିର୍ଧାର୍ଯ୍ୟ ପଥ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରି ଚମ୍ପିୟନ ହୋଇଥିବା ବେଳେ ଝାଡ଼ଖଣ୍ଡ ରାଜ୍ୟ ର ଅର୍ଜୁନ ଟୁଡୁ ୪୧ ମିନିଟ ୫୪.୭ ସେକେଣ୍ଡ ରେ ଦ୍ୱିତୀୟ ଓ ସୋନପୁର ର ଦୟାନିଧି ମୁଣ୍ଡା ୪୪ ମିନିଟ ୦୪ ସେକେଣ୍ଡ ସମୟରେ ନିଧାର୍ଯ୍ୟ ପଥ ଅତିକ୍ରମ କରି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

ସେହିପରି ମହିଳା ବିଭାଗରେ ଓଡିଶା ପୋଲିସ ର କୁମାରୀ ସସ୍ମିତା ଟିଗା ନିଧାର୍ଯ୍ୟ ଦୂରତା କୁ ୫୩ ମିନିଟ ୨୬.୫ ସେକେଣ୍ଡ ମଧ୍ୟରେ ଅତିକ୍ରମ କରି ଚମ୍ପିୟନ ହୋଇଥିବା ବେଳେ,ମୟୁରଭଞ୍ଜ ର କୁମାରୀ ସନ୍ଧ୍ୟା ମୁର୍ମୁ ୫୪ ମିନିଟ ୫୮.୬ ସେକେଣ୍ଡ ରେ ଦୂରତା ଅତିକ୍ରମ କରି ଦ୍ୱିତୀୟ ଏବଂ କେନ୍ଦ୍ରାପଡା ର ଦୀପ୍ତି ରାଣି ସାହୁ ୫୫ ମିନିଟ ୫୦.୧ ସେକେଣ୍ଡ ରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଓଡ଼ିଶାର ଜାତୀୟ ତଥା ଆନ୍ତର୍ଯ୍ୟାତୀୟ କ୍ରୀଡ଼ାବିତ ଶ୍ରାବଣୀ ନନ୍ଦ ଙ୍କୁ ବନ୍ଦରାଧକ୍ଷ ଶ୍ରୀ ହରନାଦ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ତଟ ରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ -୭ ର ଡିଆଇଜି ସଞ୍ଜୟ ନେଗୀ, ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ ଙ୍କ ସମେତ ବିଭାଗୀୟ ମୁଖ୍ୟ ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଓଡିଶା ଅଲମ୍ପିକ ଆସୋସିଏସନ ସହାୟତାରେ ପାରାଦୀପ ବନ୍ଦର କ୍ରୀଡା ପରିଷଦର ସଭାପତି ଡ଼ଃ. ଡି.ଏନ.ସୋଣ୍ଡି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ଗୋପବନ୍ଧୁ କ୍ରୀଡା ସଂସଦ ର ଉପଦେଷ୍ଟା ରବି ଦାସ ପ୍ରମୁଖ ଏହି ମାରାଥନ ପ୍ରତିଯୋଗିତା କୁ ସଫଳତାର ସହ ପରିଚାଳନା କରିଥିଲେ। ତେବେ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହନ ପାଇଁ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ଏହି ମାରାଥନ ପ୍ରତିଯୋଗିତା ପ୍ରୟାସ କୁ ସାଧାରଣରେ ପ୍ରଶଂସା କରାଯାଇଛି ।

## କେମିତି ବାଦ୍ ପଡ଼ିଲେ ରୋହିତ ?

ସିଡନ,୩।୧ : ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍‌ର ଚୂଡ଼ାନ୍ତ ଏକାଦଶରୁ ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା ବାଦ ପଡ଼ିଛନ୍ତି। ଖରାପ ଫର୍ମ ପାଇଁ ତାଙ୍କୁ ବାଦ ଦିଆଯାଇଛି ହେଲେ ଏହାକୁ ବିଶ୍ରାମର ନାଁ ଦିଆଯାଉଛି। ରୋହିତଙ୍କୁ ଏବେ ୩୭ ବର୍ଷ ଭାରତର ପରବର୍ତ୍ତୀ ଟେଷ୍ଟ ସିରିଜ ପ୍ରାୟ ୫ ମାସ ପରେ ରହିଛି। ତେଣୁ ରୋହିତ ଆଉ ଭାରତ ପାଇଁ ଟେଷ୍ଟ ଖେଳିବାର ଆଶା ନାହିଁ ସେ ସମ୍ଭବତଃ ମେଲବର୍ଣ୍ଣରେ ନିଜ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳି ସାରିଛନ୍ତି।



ରୋହିତ, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ଯେତେବେଳେ ଟି-୨୦ ବିଶ୍ୱକପ ପରେ ଏହି ଫର୍ମାଟରୁ ଅବସର ନେଲେ ସେତେବେଳେ ଭାରତୀୟ କ୍ରିକେଟର ଟ୍ରାଞ୍ଜିସନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା। ଏବେ ଟେଷ୍ଟ ସିରିଜ ଅଧାରୁ ରବିଚନ୍ଦ୍ରନ ଅଶ୍ୱିନ ଅବସର ନେବା ଓ ରୋହିତଙ୍କୁ ବିଶ୍ରାମ ଆଳରେ ଚୂଡ଼ାନ୍ତ ଏକାଦଶରୁ ବାଦ ଦେବାର ଅର୍ଥ ଟ୍ରାଞ୍ଜିସନ ପ୍ରକ୍ରିୟା ସର୍ବୋଚ୍ଚ ସ୍ତରରେ ରହିଛି। ସିରିଜ ଅଧାରେ ରୋହିତଙ୍କ ଭଳି ଜଣେ ଅଧିନାୟକଙ୍କୁ କେମିତି ବିଶ୍ରାମ ଆଳରେ ଚୂଡ଼ାନ୍ତ ଏକାଦଶରୁ ବାଦ ଦେବାକୁ ନିଷ୍ପତ୍ତି ହେଲା ?ରିପୋର୍ଟ ଅନୁସାରେ, ୫ମ ଟେଷ୍ଟର ଶେଷ ଟ୍ରେନିଂ ସେସନରେ ସମସ୍ତେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଉପସ୍ଥିତ ଥିଲେ ଏହି ସମୟରେ ରୋହିତ ଓ ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ମଧ୍ୟରେ କୌଣସି ପ୍ରକାରର ତାଳମେଳ ନଥିବା ଭଳି ସ୍ଥିତି ସୃଷ୍ଟି ହୋଇଥିଲା ପୂର୍ବରୁ ରୋହିତ ୫ମ ଟେଷ୍ଟ ଖେଳିବେ ନାହିଁ ବୋଲି ସଙ୍କେତ ମିଳିଥିଲା କିନ୍ତୁ ଗୁରୁବାର ଅଭ୍ୟାସ ବେଳେ ସବୁ କିଛିର ନିଷ୍ପତ୍ତି ହୋଇଥିଲା ।ରୋହିତ ୮ଟି ଇନିଂସରେ ମାତ୍ର ଗୋଟିଏ ଅର୍ଦ୍ଧଶତକ କରିଛନ୍ତି। ତେଣୁ ଗମ୍ଭୀର ତାଙ୍କ ରଣନୀତିରେ ରୋହିତଙ୍କୁ ଆଉ ସାମିଲ କରିବା ମୁଡରେ ନାହାନ୍ତି।

ରୋହିତ ମଧ୍ୟ ଅଭ୍ୟାସ ସେସନରେ ବଲକୁ ଠିକ ଭାବେ କନେକ୍ଟ କରିବାରେ ବିଫଳ ହୋଇଥିଲେ। ଟି ଦିଲ୍ଲୀପଙ୍କ ଥ୍ରୋ ଡାଉନକୁ ମିସ କରି ସେ ବୋଲ୍ଡ ମଧ୍ୟ ହୋଇଥିଲେ ସେ ବଲକୁ ମିଟ କରିବାରେ ବିଳମ୍ବ କରୁଥିବା ତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ଭାବେ ଦେଖାଯାଇଥିଲା। ସବୁଠାରୁ କୌତୁହଳର ବିଷୟ ହେଉଛି ଯେ ରୋହିତଙ୍କ ସାଇଡ ନେଟ୍ସରେ ନୀତୀଶ କୁମାର ରେଡ୍ଡୀ ଅଭ୍ୟାସ କରୁଥିଲେ। ସେ ବଲକୁ ବ୍ୟାଟରେ ମିଡଲ କରୁଥିବାବେଳେ ରୋହିତ ବଲକୁ ମିସ କରୁଥିଲେ। ମୁଖ୍ୟ କୋଚ ଗମ୍ଭୀର ଯୁବ ତାରକା ନୀତୀଶ କୁମାରଙ୍କ ନେଟ୍ସ ପାଖରେ ଛିଡ଼ା ହୋଇ ତାଙ୍କୁ ସବୁ କିଛି କହୁଥିଲେ ।ରୋହିତ ଅଭ୍ୟାସ କରିସାରିବା ପରେ ବୁମ୍ରା ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ସେଠାରୁ ଚାଲି ଯାଇଥିଲେ। କିନ୍ତୁ ଗମ୍ଭର ନେଟ୍ସରେ ଉପସ୍ଥିତ ରହିଥିଲେ। ଏହି ମିଟିଂ ସମୟରେ ରୋହିତ ୫ମ ଟେଷ୍ଟରେ ବିଶ୍ରାମ ନେବେ ବୋଲି ନିଷ୍ପତ୍ତି ହୋଇଥିବା କୁହାଯାଉଛି ।ମିଟିଂର ୪୫ରୁ ୧ ଘଣ୍ଟା ପରେ ଅଧିକାଂଶ ଖେଳାଳି ନେଟ ଅଞ୍ଚଳରେ ଲାଗିଥିବା ପ୍ରସ୍ଥାନ ଦ୍ୱାର ଦେଇ ବସ୍ ପାଖକୁ ଆସିଥିଲେ। କିନ୍ତୁ ରୋହିତ ଟିମ ସହ ଆସି ନଥିଲେ ସେ ଅନ୍ୟ ଏକ ଗେଟ୍ ପଟେ ବାହାରକୁ ଆସିବା ସହ ବସରେ ବସିଥିଲେ।

## ୫ରୁ ବେଣୁଧର ସ୍ମାରକୀ ଫୁଟବଲ

ବଲାଙ୍ଗୀର,୩।୧ (ମହାଭାରତ): ଆସନ୍ତା ଜାନୁୟାରୀ ୫ତାରିଖରେ ବଲାଙ୍ଗୀର ସଦରବ୍ଲକ ଅନ୍ତର୍ଗତ ଚନ୍ଦନଭାଟିଠାରେ ୩ୟ ବେଣୁଧର ମେମୋରିଆଲ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮ଟି ଫୁଟବଲ ଦଳ ଯୋଗଦେବେ। ଆଜି ଏନେଇ ଆୟୋଜକ ସୁକାନ୍ତ ପାଣିଗ୍ରାହୀଙ୍କ ସମେତ କମିଟିର ସଦସ୍ୟମାନେ ସୂଚନା ଦେଇଛନ୍ତି। ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆୟୋଜକ କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କମିଟିର ବରିଷ୍ଠସଦସ୍ୟ ଲକ୍ଷ୍ମଣକୁମାର ମେହେର, ମିଡିଆସେଲର ବିଧୁଭୂଷଣ ତ୍ରିପାଠୀ ଟୁର୍ଣ୍ଣାମେଣ୍ଟ ବିଷୟରେ ସୂଚନା ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚନ୍ଦନଭାଟି, ନକଟାସର(ଏଫଏ),ବିଏନଏଏ(ଜରାସିଂହା), ରାଇଜିଂ ଷ୍ଟାର ଟିଟିଲାଗଡ,ୟୁଥକ୍ଲବ ବଲାଙ୍ଗୀର,ମର୍ଣ୍ଣିଂକ୍ଲବ ଭବାନୀପାଟଣା ଓ ସ୍ପୋର୍ଟସ ହଷ୍ଟେଲ ବଲାଙ୍ଗୀରଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅତିଥି ଭାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ,ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ, ଜିଲ୍ଲାପରିଷଦର ଅଧକ୍ଷା ଦେବକୀ ସାହୁ,ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ,ଜିଲ୍ଲାପାଳ ଗୌରବ ଶୀବାଜୀ ଇସଲୱାର,ଏସପି ଋଷିକେଶ ଡି,ଖିଲାରୀ,ସଦରବ୍ଲକ ଅଧକ୍ଷା ସରିତା ବାଗ,ଜିଲ୍ଲାପରିଷଦ ସଭ୍ୟା ଅନାମିକା ହୋତା ଓ ସ୍ଥାନୀୟ ଚନ୍ଦନଭାଟିର ସରପଞ୍ଚପଙ୍କଜୀନି ସାହୁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ପ୍ରକାଶ ଯେ,ଚନ୍ଦନଭାଟି ଗ୍ରାମପଞ୍ଚାୟତର ୩ଥର ସରପଞ୍ଚ ଥିବା ସ୍ୱର୍ଗତ ସମାଜସେବୀ ବେଣୁଧର ପାଣିଗ୍ରାହୀଙ୍କ ସ୍ମୃତିରେ ତାଙ୍କପୁତ୍ର ତଥା ଗ୍ରାମବାସୀଙ୍କ ଉଦ୍ୟମରେ ଗତ ୩ବର୍ଷ ହେଲା ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଆସୁଛି ।

## ଭୁଲ୍ ନିଷ୍ପତ୍ତିର ଶିକାର ହେଲେ ୱାଶିଂଟନ

ସିଡନୀ,୩।୧(ଏଜେନ୍ସି): ମେଲବର୍ଣ୍ଣ ଭଳି ସିଡ୍‌ନୀ ଟେଷ୍ଟରେ ମଧ୍ୟ ଡିଆରଏସ ନିଷ୍ପତ୍ତିକୁ ନେଇ ବିବାଦ ଦେଖାଯାଇଛି। ତୃତୀୟ ଅମ୍ପାୟାର ନେଇଥିବା ନିଷ୍ପତ୍ତିକୁ ନେଇ ଘରିଆଡ଼େ ଚର୍ଚ୍ଚା ସିଡ୍‌ନୀ ଟେଷ୍ଟର ପ୍ରଥମ ଦିନରେ ତୃତୀୟ ଅମ୍ପାୟାର ଜୋଏଲ ୱିଲସନ ଦେଇଥିବା ଆଉଟ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠିଛି। ମେଲବର୍ଣ୍ଣ ଟେଷ୍ଟରେ ୱିଲସନ ଫିଲ୍ଡ ଅମ୍ପାୟାର ରହିଥିଲେ। ସିଡ୍‌ନୀ ଟେଷ୍ଟରେ ସେ ତୃତୀୟ ଅମ୍ପାୟାର ଭୂମିକାରେ ରହିଛନ୍ତି।



ଭାରତୀୟ ଟିମର ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ୱିଲସନ କିପରଙ୍କ ଦ୍ୱାରା କ୍ୟାଚ୍ ଆଉଟ କରାଇଛନ୍ତି। ସେ ଅଷ୍ଟ୍ରେଲିଆ ନେଇଥିବା ରିଭ୍ୟୁ ବଲରେ ଏହି ଆଉଟ ଘୋଷଣା କରିଛନ୍ତି ।କାରଣ ଅନଫିଲ୍ଡ ଅମ୍ପାୟାର ସୈକତ ପ୍ରଥମେ ଆଉଟ ଦେଇ ନଥିଲେ। ଅଷ୍ଟ୍ରେଲିଆ। ରିଭ୍ୟୁ ନେବାରୁ ୱିଲସନ ବେଶ କିଛି ସମୟ ବଲ ସୁନ୍ଦରଙ୍କ ଗ୍ଲୋଭ୍ସରେ ବାଜିଛି କି ନାହିଁ, ତାର ତର୍ଜମା କରିଥିଲେ। ରିୟଲ ଟାଇମ ରିପ୍ଲେରୁ ଜଣାପଡ଼ିଥିଲା ଯେ ପାଟ କମିନ୍ସଙ୍କୁ ସୁନ୍ଦର ପୁଲ ମାରିବା ପରେ ଏହା ବ୍ୟାଟ କିମ୍ବା ଗ୍ଲୋଭ୍ସରେ ବାଜି ନାହିଁ। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ୱିଲସନ ସ୍ନିକୋ ମିଟର ଟେକ୍ନୋଲୋଜି ବ୍ୟବହାର କରିଥିଲେ। ଗୋଟିଏ ଫ୍ରେମରେ ଦେଖିବାକୁ ମିଳିଥିଲା ଯେ ବଲ ଗ୍ଲୋଭ୍ସ ଅତିକ୍ରମ କରିବା ବେଳେ କୌଣସି ପ୍ରକାରର ସ୍ପାଇକ ସ୍ନିକୋ ମିଟରରେ ଦେଖିବାକୁ ମିଳୁନାହିଁ ।କିନ୍ତୁ ଏହାର ପରବର୍ତ୍ତୀ ଫ୍ରେମରେ ସ୍ନିକୋରେ ସ୍ପାଇକ ଦେଖାଯାଉଛି। ସ୍ପାଇକରେ ଦ୍ୱନ୍ଦ୍ୱ ଥିବାରୁ ଅନଫିଲ୍ଡ ଅମ୍ପାୟାରଙ୍କ ନିଷ୍ପତ୍ତି ବଦଳିବା କଥା ନୁହେଁ। ତଥାପି ୱିଲସନ ଅତ୍ୟନ୍ତ ବିବାଦୀୟ ଢଙ୍ଗରେ ସୁନ୍ଦରଙ୍କୁ ଆଉଟ ଘୋଷଣା କରିଥିଲେ। ବଡ଼ ସ୍କ୍ରିନରେ ଯେତେବେଳେ ଆଉଟ ଲେଖାଗଲା ସେତେବେଳେ ସୁନ୍ଦରଙ୍କ ଠାରୁ ଆରମ୍ଭ କରି ଭାରତୀୟ ଫ୍ୟାନ୍ସ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ସୁନ୍ଦର ନିଷ୍ପତ୍ତିକୁ ବିରୋଧ ମଧ୍ୟ କରିଥିଲେ। କିନ୍ତୁ ତାଙ୍କୁ ଶେଷରେ ନିରାଶ ହୋଇ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ସୋଶାଲ ମିଡିଆରେ ଭିଡିଓ ଭାଇରାଲ ହେବା ପରେ ଇଂଲଣ୍ଡର ପୂର୍ବତନ ଅଧିନାୟକ ନିଷ୍ପତ୍ତିକୁ ଭୟଙ୍କର କହିଛନ୍ତି। ସେ ମଧ୍ୟ ୱିଲସନଙ୍କ ଦାୟିତ୍ୱ ହୀନତା ଉପରେ ପ୍ରଶ୍ନ ଉଠାଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ